ବର୍ଷ-୨୪, ସଂଖ୍ୟା-୧୮୧
ଭୁବନେଶ୍ୱର
୩୧ ଜୁଲାଇ, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 181
Bhubaneswar
31 July, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# କେରଳରେ ପ୍ରକୃତିର ତାଣ୍ଡବ



●ଦୁଇଟି ଭୂସ୍ଖଳନ ପରେ ଧୋଇଗଲା ରାସ୍ତା-ଘାଟ, ଘର-ଦ୍ୱାର
●୧୦୬ ଲୋକଙ୍କ ମୃତ୍ୟୁ, ଶତାଧିକ ହସ୍ପିଟାଲରେ ଭର୍ତ୍ତି
●ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆରଏଫ୍ ମୁତୟନ
●କେରଳ ମୁଖ୍ୟମନ୍ତ୍ରୀଙ୍କ ସହ କଥାବାର୍ତ୍ତା କଲେ ମୋଦୀ
●ଜରୁରୀକାଳୀନ ସହାୟତା ନମ୍ବର ୯୬୫୬୯୩୮୬୮୯ ଏବଂ ୮୦୮୬୦୧୦୮୩୩

ୱାୟନାଡ,୩୦।୭(ମହାଭାରତ): କେରଳ ୱାୟନାଡ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ବଢି ଚାଲିଛି। ମୃତ୍ୟୁସଂଖ୍ୟା ୮୪କୁ ବୃଦ୍ଧି ପାଇ ଥିବାବେଳେ ଏବେ ବି ଶତାଧିକ ଲୋକ ମାଟି ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି।ପ୍ରବଳ ବର୍ଷା ପରେ କେରଳର ୱାୟନାଡରେ ତାଣ୍ଡବ ରଚିଛି ପ୍ରକୃତି। ଗୋଟିଏ ପରେ ଗୋଟିଏ ତିନୋଟି ଭୂସ୍ଖଳନରେ ରାସ୍ତା-ଘାଟ, ଘର-ଦ୍ୱାର ଧୋଇ ହୋଇଯାଇଛି। ଖବର ଲେଖା ହେବା ସୁଦ୍ଧା ୧୦୬ ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ୧୧୬ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ କେରଳ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମୋଦି ପ୍ରତିଶ୍ରୁତି ଦେଇଛନ୍ତି।ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ସେ କେନ୍ଦ୍ର ମନ୍ତ୍ରୀ ସୁରେଶ ଗୋପୀଙ୍କ ସହ ମଧ୍ୟ କଥା କହିଛନ୍ତି। ବିଜେପି ସଭାପତି ଜେପି ନାଡ୍ଡାଙ୍କ ସହ ମୋଦି କଥା ହୋଇଛନ୍ତି। ରିଲିଫ୍ କାର୍ଯ୍ୟରେ ବିଜେପି କର୍ମୀମାନେ ସମସ୍ତ ସାହାଯ୍ୟ ଯୋଗାଇଦେବାକୁ ନିଶ୍ଚିତ କରିବାକୁ ସେ କହିଛନ୍ତି। ଏଥିସହ ମୃତାହତଙ୍କୁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଓ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ସହାୟତା ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ।

ସେପଟେ ଭୂସ୍ଖଳନ ଓ ବର୍ଷା ସହ ଜଡିତ ଅନ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ - ଜାତୀୟ ସ୍ୱାସ୍ଥ୍ୟ ମିଶନ ଏକ କଣ୍ଟ୍ରୋଲ ରୁମ୍ ଖୋଲି ହେଲ୍ପ ଲାଇନ୍ ନମ୍ବର ଜାରି କରିଛି। ୯୬୫୬୯୩୮୬୮୯ ଏବଂ ୮୦୮୬୦୧୦୮୩୩ ଏହି ଦୁଇଟି ନମ୍ବର ମାଧ୍ୟମରେ ଜରୁରୀକାଳୀନ ସହାୟତା ଆବଶ୍ୟକ କରୁଥିବା ବ୍ୟକ୍ତିମାନେ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ।

ଭୂସ୍ଖଳରନ ପରେ ମାଟି ତଳେ ୪୦୦ରୁ ଅଧିକ ପରିବାର ଫଶି ରହିଥିବା କୁହାଯାଉଛି। ଏଥିପାଇଁ ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ନ୍ୟାସନାଲ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏନଡିଆରଏଫ)ର ଅଗ୍ନିଶମ ବାହିନୀ ଏବଂ ଏନଡିଆର୍‌ଏଫ୍ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବାୟୁସେନାର ଦୁଇଟି ହେଲିକପ୍ଟର ମଧ୍ୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛି।

ସୂଚନା ଅନୁସାରେ, ଆଜି ଭୋରୁ ୱାୟନାଡର ମୋପ୍ପାଡି, ମୁଣ୍ଡାକାଇ ଏବଂ ଚୁରାଲ ମାଲା ପାହାଡିଆ। ଅଞ୍ଚଳରେ ଭୂସ୍ଖଳନ ହୋଇଥିଲା। ରାତି ଗୋଟାଏରେ ମୁଣ୍ଡାକାଇରେ ପ୍ରଥମେ ଭୂସ୍ଖଳନ ହୋଇଥିଲା। ଏହାପରେ ଭୋଅର ସମୟରେ ଜିଲ୍ଲାରେ ଆଉ ଦୁଇଟି ଭୂସ୍ଖଳନ ହୋଇଥିଲା।ଫଳରେ ଘର-ଦ୍ୱାର ଭାସିଯିବା ସହ ଅନେକ ରାସ୍ତା ଧୋଇ ହୋଇଯାଇଛି। ବିଭିନ୍ନ ସ୍ଥାନରେ ପୋଲ ମଧ୍ୟ ଭୁଶୁଡ଼ି ଯିବାରୁ ତିନୋଟି ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

ସେପଟେ ଭୂସ୍ଖଳନ ପରେ ନିଜ ପ୍ରାକୃତିକ ମନୋରମ ଦୃଶ୍ୟ ପ୍ରସିଦ୍ଧ ମୁଣ୍ଡାକାଇ ଏବଂ ଚୁରାଲ ମାଲା, ଅଟ୍ଟମାଲ ଓ ନଲ୍ଲାପୁଝାର ଚିତ୍ର ବଦଳି ଯାଇଛି। ବାହ୍ୟ ଜଗତରୁ ଏହା ବିଚ୍ଛିନ୍ନ ହୋଇଛି। ଏଠାର ପରିସ୍ଥିତି ଗୁରୁତର ରହିଛି। ରାଜ୍ୟ ସରକାର ସମସ୍ତ ଏଜେନ୍ସିକୁ ଉଦ୍ଧାର କାର୍ଯ୍ୟରେ ଲଗାଇ ଦେଇଛନ୍ତି।

ସେପଟେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ଜିଲ୍ଲାର ଅନେକ ରାସ୍ତା ଧୋଇ ହୋଇଯାଇଛି। ବିଭିନ୍ନ ସ୍ଥାନରେ ପୋଲ ମଧ୍ୟ ଭୁଶୁଡିଛି। ୱାଇନାଡର ମୋଟ ତିନୋଟି ସ୍ଥାନରେ ଭୂସ୍ଖଳନ ହୋଇଛି। ଆଜି ବି ପୂରା ଅଞ୍ଚଳରେ ବର୍ଷା ଲାଗି ରହିଛି। ଏଥିଲାଗି ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଛି।

# ମା' ଭଟ୍ଟାରିକାଙ୍କ ମନ୍ଦିର ବେଢା ଛୁଇଁଲା ମହାନଦୀ ବନ୍ୟାଜଳ

କଟକ,୩୦।୭(ମହାଭାରତ): କଟକ ଜିଲ୍ଲା ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ମନ୍ଦିର ବେଢା ଛୁଇଁଲା ମହାନଦୀର ପ୍ରଥମ ବନ୍ୟାଜଳ। ହୀରାକୁଦ ଜଳଭଣ୍ଡାରରେ ୨୦ଟି ଗେଟ୍ ଖୋଲା ଯାଇଥିବାରୁ ମହାନଦୀରେ ବୃଦ୍ଧି ଜଳସ୍ତର। ଏହି ବନ୍ୟା ଜଳ ଗତ ରାତିରେ ମୁଣ୍ଡଳୀରେ ପହଞ୍ଚିଥିବା ବେଳେ ମା' ଭଟ୍ଟାରିକାଙ୍କ ମନ୍ଦିର ବେଢା ନିକଟରେ ୫ ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି। ମହାନଦୀର ବନ୍ୟାଜଳ



ଯଦିଓ ମା'ଙ୍କ ମନ୍ଦିର ବେଢାକୁ ଛୁଇଁଛି ତଥାପି ମା'ଙ୍କୁ ଜଳାଶାୟୀ କରିପାରିନିଁୟ ବନ୍ୟାଜଳ ମା'ଙ୍କୁ ଜଳାଶଶୟୀ କରିବାକୁ ଆହୁରି କିଛି ସମୟ ଲାଗିବ ବୋଲି ଅନୁମାନ କରାଯାଉଛି।ଯଦି ମନ୍ଦିରର ଗମ୍ଭାରୀରେ ବନ୍ୟାଜଳ ପ୍ରବେଶ କରେ ତେବେ ମା'ଙ୍କ ମନ୍ଦିର ପାଖରେ ଥିବା ରୋଷ ଘରକୁ ମା' ଙ୍କୁ ସ୍ଥାନାନ୍ତର କରାଯିବ। ସେଥିପାଇଁ ସେବାୟତ ସଜାଗ ଥିବାବେଳେ ବଡମ୍ବା ଦେବୋତ୍ତର ବିଭାଗ ମଧ୍ୟ ସଜାଗ ରହିଛି। ମନ୍ଦିରରେ ଯେପରି ମାଙ୍କ ପୂଜା ରୀତିରେ ଯେମିତି କୌଣସି ବ୍ୟାଘାତ ନ ଘଟେ ସେଥିପ୍ରତି ବଡମ୍ବା ଦେବୋତ୍ତର ବିଭାଗ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏନେଇ ମନ୍ଦିରର ପୂଜକ ଶିରିଷ କୁମାର ରଣା କହିଛନ୍ତି, ମା'ଙ୍କ ବେଢାରେ ପାଣି ପଶିଛି। ତହସିଲ କର୍ମଚାରୀ ସଚେତନ ଅଛନ୍ତି। ଗମ୍ଭରାରେ ପାଣି ପଶିଲେ ମା'ଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯିବ।

# ଅଗ୍ନିଶମ ଏବଂ ହୋମଗାର୍ଡ ଡିଆଇଜି ରାଜେଶ ପଣ୍ଡିତ ନିଲମ୍ବିତ

ଭୁବନେଶ୍ୱର,୩୦।୭(ମହାଭାରତ): ଅଗ୍ନିଶମ ଏବଂ ହୋମଗାର୍ଡ ଡିଆଇଜି ରାଜେଶ ପଣ୍ଡିତ ସସପେଣ୍ଡ। କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ଘଟଣା ପାଇଁ ସସପେଣ୍ଡ ହୋଇଛନ୍ତି ସେ। ଭାରତୀୟ ପୁଲିସ ସେବା ଆଇନ ଉଲ୍ଲଙ୍ଘନ ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଥିବା ନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କ୍ୟାପିଟାଲ ଥାନା ଅଞ୍ଚଳରେ ମହିଳା ଇନ୍ସପେକ୍ଟର ଓ ତାଙ୍କ ସ୍ୱାମୀଙ୍କୁ ଅସଦାଚରଣ ଅଭିଯୋଗରେ ଆଇପିଏସ୍ ଅଫିସର ରାଜେଶ ପଣ୍ଡିତ ନିଲମ୍ବିତ ହୋଇଥିବା ଜଣାଯାଇଛି। ନିଲମ୍ବନ ପାଇଁ ରାଜ୍ୟ ଗୃହ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟପାଳ ରଘୁବର ଦାସ। ନିଲମ୍ବନ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଆଇପିଏସ୍ ରାଜେଶ ପଣ୍ଡିତ ଡିଜିଙ୍କ ବିନା ଅନୁମତିରେ ହେଡକ୍ୱାର୍ଟର ଛାଡ଼ି ପାରିବେନି ବୋଲି ମଧ୍ୟ କଡ଼ା ନିର୍ଦ୍ଦେଶ ରହିଛି।

# ବିପଦ ସଂକେତ ଉପରେ ଜଳକା

ଭୁବନେଶ୍ୱର,୩୦।୭(ମହାଭାରତ): ରାଜ୍ୟରେ ଗତ କିଛି ଦିନ ହେବ ଲାଗି ରହିଥିବା ଲଗାଣ ବର୍ଷା ହେତୁ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ଜଳକା ନଦୀୟ ମଥାନୀ ଠାରେ ବିପଦ ସଂକେତ ୫.୫୦ମିଟର ଥିବା ବେଳେ ସକାଳ ୬ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୨୨ ମିଟରରେ ପ୍ରବାହିତ ହେଉଛି।


ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିବା ସହ ଜଳକା ନଦୀର ଉପର



ମୁଣ୍ଡ ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁ ଜଳସ୍ତର ଅଧିକ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ବନ୍ୟା ଆଶଙ୍କାରେ ଭୟଭୀତ ଅଛନ୍ତି ନଦୀ ତଟବର୍ତ୍ତୀ ଅଞ୍ଚଳବାସୀ। ଜଳକା ନଦୀର ଉପର ମୁଣ୍ଡ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା,ମୋରଡା,ଚିତ୍ରଡା, ରାସଗୋବିନ୍ଦପୁର ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ କ୍ରମଶଃ ବଢୁଛି ନଦୀର ଜଳସ୍ତରୟବର୍ତ୍ତମାନ ବନ୍ୟା ପରିସ୍ଥିତି ଉପୁଜିଲେ ଏବେ ରୁଆ। ଯାଇଥିବା ଧାନ ତଳି ସବୁ ପଚି ଯିବା ସମେତ ବସ୍ତା ଏବଂ ସଦର ବ୍ଲକର ପାଖାପାଖି ପଞ୍ଚାୟତର ଚାଷ କ୍ଷତି ହେବାର ଆଶଙ୍କା କରାଯାଉଛି।

ସୂଚନାଯୋଗ୍ୟ, ରାଜ୍ୟରେ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଉଛି।

# ରଚିଲେ ଇତିହାସ ମନୁ ଭାକର



ପ୍ୟାରିସ,୩୦।୭(ମହାଭାରତ): ପ୍ୟାରିସ ଅଲିମ୍ପିକ୍ସରୁ ଆସିଲା ଖୁସି ଖବର। ଐତିହାସକ ବିଜୟ ହାସଲ କରିଛନ୍ତି ଶୁଟର୍ ମନୁ ଭାକର ଓ ସରବଜୋତ ସିଂହ। ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ହାସଲ କରିଛନ୍ତି ବ୍ରୋଞ୍ଜ। ଏହି ବିଜୟ

## ମନୁ ଭାକରଙ୍କ ନାଁରେ ଅନେକ ରେକର୍ଡ

## ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିବାରେ ପ୍ରଥମ ଭାରତୀୟ

## ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ

## ଭାରତର ପଦକ ସଂଖ୍ୟା ୨କୁ ବୃଦ୍ଧି

ସହ ମନୁ ଓ ସରବଜୋତ ଅଲିମ୍ପିକ୍ସ ମେଡାଲ ଜିତିବାରେ ପ୍ରଥମ ଶୁଟିଂ ଯୋଡ଼ି। ଚଳିତ ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ପୂର୍ବରୁ ମଧ୍ୟ ଭାରତକୁ ବ୍ରୋଞ୍ଜ ମିଳିଥିଲା। ଶୁଟର୍ ମନୁ ଭାକର ଏହି ବିଜୟ ଭେଟି ଦେଇଥିଲେ। ମନୁ ଭାକର ମଧ୍ୟ ନିଜ ନାଁରେ ରେକର୍ଡ ଯୋଡିଛନ୍ତି। ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିବାରେ ମନୁ ଭାକର ହେଉଛନ୍ତି ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ।

ଏହା ପୂର୍ବରୁ ସେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ଜିତି ଭାରତକୁ ପ୍ରଥମ ବିଜୟ ଭେଟି ଦେଇଥିଲେ। ସେହିପରି ସରବଜୋତ ସିଂହ ମଧ୍ୟ ବ୍ୟକ୍ତିଗତ ରେକର୍ଡ କରିଛନ୍ତି।ସେ ପ୍ରଥମ ଥର ବ୍ରୋଞ୍ଜ ବିଜୟୀ ହୋଇଛନ୍ତି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଦୁଇ ଆଥଲେଟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ୟାରିସ ଅଲିମ୍ପିକ୍ସରେ ଇତିହାସ ରଚିଛନ୍ତି ଶୁଟର ମନୁ ଭାକର। ଜିତିଛନ୍ତି ଦୁଇଟି ପଦକ। ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିବାରେ ସେ ହେଉଛନ୍ତି ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ। ରବିବାର ୧୦ ମିଟର ଏୟାର ପିସ୍ତଲ ମହିଳା ବର୍ଗରେ ଭାରତ ପାଇଁ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବା ମନୁ ଭାକର ଆଜି ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ସରବଜୋତ ସିଂହଙ୍କ ସହ ମିଶି ଜିତିଛନ୍ତି ବ୍ରୋଞ୍ଜ ପଦକ। ୧୯୦୦ ଅଲିମ୍ପିକ୍ସରେ ବ୍ରିଟିଶ-ଇଣ୍ଡିଆନ୍ ଆଥ୍ଲେଟ୍ ନୋରମାନ ପ୍ରିଚାର୍ଡ ଦୁଇଟି ରୌପ୍ୟ ପଦକ ଜିତିଥିଲେ। ସେ ୨୦୦ ମିଟର ସ୍ପ୍ରିଣ୍ଟ ଓ ୨୦୦ ମିଟର ହର୍ଡଲ୍ସରେ ଏହି ପଦକ ଜିତିଥିଲେ। କିନ୍ତୁ ସେତେବେଳେ ଭାରତ ସ୍ୱାଧୀନ ହୋଇ ନଥିଲା।

# ପାନୀୟ ଜଳ ସମସ୍ୟାକୁ ନେଇ ଗୃହରେ ସରଗରମ ଆଲୋଚନା

ଭୁବନେଶ୍ୱର,୩୦।୭(ମହାଭାରତ): ଆଜି ପ୍ରଶ୍ନକାଳରେ ରାଜ୍ୟର ବିଭିନ୍ନ ଅଂଚଳରେ ପାନୀୟ ଜଳ ସମସ୍ୟାକୁ ନେଇ ସରଗଗମ ଆଲୋଚନା ହୋଇଛି । ବିଭିନ୍ନ ଅଂଚଳରେ ପାନୀୟ ଜଳ ପ୍ରକଳ୍ପ ଗୁଡିକର କାମ ପୂରଣ ହେବାରେ ଅହେତୁକ ବିଳମ୍ବ ନେଇ ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକ ମାନେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ ୨୦୨୫ ଡିସେମ୍ବର ଶେଷ ସୁଦ୍ଧା ସମସ୍ତ ଗାଁକୁ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ଆଜି ପ୍ରଶ୍ନକାଳରେ ମନୋରଂଜନ ଦ୍ୟାନ ସାମନ୍ତରାଙ୍କ ମୂଳ ପ୍ରଶ୍ନ ଓ ଅନ୍ୟ ବିଧାୟକ ମାନଙ୍କ ଅତିରିକ୍ତ ପ୍ରଶ୍ନ ବେଳେ ଏହି ପ୍ରସଙ୍ଗକୁ ନେଇ ସରଗରମ ଆଲୋଚନା ହୋଇଥିଲା । ଏହି ଅବସରରେ ଉଭୟ ଶାସକ ଓ ବିରୋଧୀ ଦଳ ବିଧାୟକ ମାନେ ନିଜ ନିଜ ଅଂଚଳ ର ପାଣି ସମସ୍ୟା ନେଇ ଗୃହ ରେ ପ୍ରଶ୍ନ କରିଛନ୍ତି । ସେପଟେ ବିଭାଗୀୟ ମନ୍ତ୍ରୀ ଉତ୍ତର ରଖି କହିଛନ୍ତି ପିଇବା ପାଣି ଯୋଗାଇବାରେ ପୂର୍ବରୁ ଚଂଚକତା ହୋଇଥିଲା ବର୍ତ୍ତମାନ ଆମେ ତାଙ୍କୁ ତର୍ଜମା କରି କାର୍ଯ୍ୟ କୁ ତ୍ୱରାନ୍ୱିତ କରୁଛୁ । ସମୟ ଅବଧି ଭିତରେ ସମସ୍ତ ପ୍ରକଳ୍ପ ଶେଷ ହେବା ସହ ପ୍ରତି ଲୋକଙ୍କ ଘରେ ପିଇବା ପାଣି ପହଁଚିବ । ସେପଟେ ବିଧାୟକ ମାନଙ୍କ ଉଦବେଗ କୁ ଦେଖି ବାଚସ୍ପତି ଙ୍କ ରୁଲିଂ ଟାଇମ ଟୁ ଟାଇମ ରିଭ୍ୟୁ କରି ଟାଇମ ପିରିୟଡ଼ ଭିତରେ ପ୍ରକଳ୍ପ ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୩୦।୭(ମହାଭାରତ): ବାହୁଡ଼ା ଯାତ୍ରାରେ ମା' ସୁଭଦ୍ରାଙ୍କ ରଥ ଉପରେ ଅଣସେବାୟତ ଚଢିବା ମାମଲାରେ ଶ୍ରୀମନ୍ଦିର ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ୭ ଦିନ ଭିତରେ ସନ୍ତୋଷଜନକ ଉତ୍ତର ଦେଇନପାରିଲେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ତାଗିଦ କରାଯାଇଛି। ଏହାସହ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ନହେବା ଯାଏଁ ସମ୍ପୃକ୍ତ ସେବକଙ୍କ ପ୍ରାପ୍ୟ, ପାଉଣା ସ୍ଥଗିତ ରଖିବାକୁ ମଧ୍ୟ ଦଇତାପତି ନିଯୋଗ ସମ୍ପାଦକଙ୍କୁ ଜଣାଇଛନ୍ତି ଶ୍ରୀମନ୍ଦିର ପ୍ରଶାସନ।ଅଣଅଧିକୃତ ବ୍ୟକ୍ତି କାହିଁକି ମା' ସୁଭଦ୍ରାଙ୍କ ରଥ ଉପରେ ଚଢିଥିଲେ ? କିଏ ତାଙ୍କୁ ଚିବାକୁ ଅନୁମତି ଦେଇଥିଲେ ? ଯଦି ଅନୁମତି ଦେଇଥିଲେ କାହିଁକି ଅନୁମତି ଦେଇଥିଲେ? ଅଣଅଧିକୃତ ବ୍ୟକ୍ତି ରଥ ଉପରେ ଚିଥିବାବେଳେ ଅନ୍ୟ ସେବାୟତମାନେ କାହିଁକି ବିରୋଧ କରିନଥିଲେ ? ଏସବୁ ପ୍ରଶ୍ନର ସନ୍ତୋଷ ଜନକ ଉତ୍ତର ଦେଇନପାରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଶ୍ରୀମନ୍ଦିର ପ୍ରଶାସନ। ସମ୍ପୃକ୍ତ ଅନଧିକୃତ ବ୍ୟକ୍ତିଙ୍କୁ ମୁଖ୍ୟ ପ୍ରଶାସକ ନିଜେ ରଥରୁ ଓହ୍ଲାଇବା ସହ ତାଙ୍କଠାରୁ ପାସ୍ ଜବତ କରିଥିଲେ। ଜଣେ ଦଇତାପତି ସେବକ ସେହି ପାସ୍ ଦେଇଥିବା ଜଣାପଡ଼ିଥିଲା।

# ହାଓ୍ୱଡ଼ା-ମୁମ୍ବାଇ ଏକ୍ସପ୍ରେସ୍ ଲାଇନଚ୍ୟୁତ

## ଦୁଇ ଯାତ୍ରୀଙ୍କ ମୃତ୍ୟୁ, ଆହତଙ୍କ ସଂଖ୍ୟା ୧୫୦କୁ ବୃଦ୍ଧି

ରାଉରକେଲା,୩୦।୭(ମହାଭାରତ): ହାଓ୍ୱଡ଼ା-ମୁମ୍ବାଇ ଏକ୍ସପ୍ରେସ୍ ଲାଇନଚ୍ୟୁତ ହେବା ଫଳରେ ଘଟଣାସ୍ଥଳରେ ଦୁଇ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଆହତଙ୍କ ସଂଖ୍ୟା ୧୫୦କୁ ବୃଦ୍ଧିପାଇଥିବା ନେଇ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଏଣେ ୩ଟି ଟ୍ରେନ୍ ବାତିଲ କରାଯାଇଛି। ମୃତକଦ୍ୱୟ ରାଉରକେଲାର ବୋଲି ଜଣାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ମାଲଗୋଦାମ ଅଞ୍ଚଳର ଓ ଅନ୍ୟ ଜଣେ ରେଲୱେ କଲୋନୀର ବୋଲି ଜଣାଯାଇଛି।ମୃତକଦ୍ୱୟ ହେଲେ ମାଲଗୋଦାମ ଅଞ୍ଚଳର ଅଜିତ ସାମଲ ଓ ରେଲୱେ କଲୋନୀର ବିକାଶ ରାଓ। ଉଭୟଙ୍କ ଘର ପାଖାପାଖି ହୋଇଥିବାରୁ ସେମାନେ ପୂର୍ବରୁ ପରସ୍ପରକୁ ଜାଣିଥିବା ସୂଚନା ମିଳିଛି।

ହାଓ୍ୱଡା - ମୁମ୍ବାଇ ଏକ୍ସପ୍ରେସ ଚକ୍ରଧରପୁର ମଣ୍ଡଳ ଅନ୍ତର୍ଗତ



ରାଜଖରସୁଆଁ ନିକଟରେ ଲାଇନଚ୍ୟୁତ ହୋଇଛି।ଏହି ଅଘଟଣ ଫଳରେ ୧୫୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆଜି ଭୋର୍ ୩ଟା ୪୫ମିନିଟରେ ଏକ ମାଲବାହୀ ଟ୍ରେନକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଛି ଟ୍ରେନ୍। ରେଳବାଇ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଘଟଣାସ୍ଥଳରେ ଆରପିଏଫ୍ ଓ ରେଲୱେ ଅଧିକାରୀ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି ।ଏହାସହ ରେଲୱେ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି । ଟାଟାନଗର ହେଲ୍ପଲାଇନ ନମ୍ବର-୦୬୫୭୨୨୯୦୩୨୪, ଚକ୍ରଧରପୁର-୦୬୫୮୭୨୩୮୦୭୨, ରାଉରକେଲା-୦୬୬୧୨୫୦୧୦୭୨, ହାଓ୍ୱଡା - ୯୪୩୩୩୫୭୯୨୦ ଓ ରାଞ୍ଚି-୦୬୫୧୨୭୮୭୧୧୫।

# ଦୁଇ ଓଡ଼ିଆ ଡାକ୍ତରଙ୍କ ପତ୍ତା ମିଳୁନି

ଭୁବନେଶ୍ୱର,୩୦।୭: କେରଳ ବୁଲିବାକୁ ଯାଇଥିଲେ ଦୁଇ ଡାକ୍ତର ଓ ସେମାନଙ୍କ ପତ୍ନୀ। ହେଲେ ସୋମବାର ବିଳମ୍ବିତ ରାତିରେ ହୋଇଥିବା ପ୍ରଳୟଙ୍କରୀ ଭୂସ୍ଖଳନରେ ଦୁଇ ଓଡ଼ିଆ। ଡାକ୍ତରଙ୍କ ପତ୍ତା ମିଳୁନି। ସେମାନଙ୍କ ପତ୍ନୀମାନେ ଏବେ ଅସ୍ଥାୟୀ ଭାବେ ନିର୍ମାଣ ହୋଇଥିବା ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ନିଖୋଜ ଥିବା ଦୁଇ ଡାକ୍ତରଙ୍କୁ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ପରିବାର ଲୋକ।

କଟକ ଜିଲ୍ଲା ଚୌଦ୍ୱାର ହାଉସିଂ ବୋର୍ଡର ବାସିନ୍ଦା ହେଉଛନ୍ତି ଡାକ୍ତର ବିଷ୍ଣୁ ପ୍ରସାଦ ଚିନରା। ତାଙ୍କ ଅଧ୍ୟାପିକା ପତ୍ନୀ ପ୍ରିୟଦର୍ଶିନୀ ପାଲ ଓ ବନ୍ଧୁ ଡାକ୍ତର ସ୍ୱାଧୀନ ପଣ୍ଡା ଏବଂ ସ୍ୱାଧୀନ ପତ୍ନୀ ସ୍ୱୀକୃତି ମହାପାତ୍ର ଗତ ୨୬ ତାରିଖରେ ବାଙ୍ଗାଲୁରୁ ବୁଲିବା ପାଇଁ ଯାଇଥିଲେ। ସେମାନେ ସେଠାରୁ କେରଳ ଯାଇଥିଲେ। ୱାଇନାଡର ଲିନରା ଭିଲ୍ଲାରେ ରହିଥିଲେ। ଦୁର୍ଭାଗ୍ୟକୁ ସୋମବାର ରାତିରେ ମୋପ୍ପାଡି, ମୁଣ୍ଡାକାଇ ଓ ଚୁରାଲ ମାଲା ପାହାଡିଆ। ଅଞ୍ଚଳରେ ଭୂସ୍ଖଳନ ହୋଇଥିଲା। ଭୂସ୍ଖଳନ ପରେ ମାଟି ମିଶା ବନ୍ୟା ପାଣି ବିଭିନ୍ନ ଜନବସତୀ ଅଞ୍ଚଳକୁ ମାଡ଼ି ଆସିଥିଲା। ଡାକ୍ତର ଚିନରାଙ୍କ ବାପା ପ୍ରମୋଦ କୁମାର ଚିନରାଙ୍କ କହିବା ଅନୁସାରେ ସୋମବାର ରାତି ପ୍ରାୟ ୨ଟା ସମୟରେ ବନ୍ୟା ପାଣି ମାଡ଼ି ଆସିଥିଲା। ତା'ପରଠାରୁ ବିଷ୍ଣୁ ପ୍ରସାଦଙ୍କ ପତ୍ତା ମିଳୁନ। ତାଙ୍କ ପତ୍ନୀ ପ୍ରିୟଦର୍ଶିନୀଙ୍କୁ ଉଦ୍ଧାର କରାଯାଇ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଆଜି ସକାଳ ୬ଟା ବେଳେ ଆମେ ବୋହୂ କଥା ହୋଇଥିବା ପ୍ରମୋଦ କହିଛନ୍ତି। ସେହିପରି ଡାକ୍ତର ବିଷ୍ଣୁଙ୍କ ସହିତ ଯାଇଥିବା ତାଙ୍କ ବନ୍ଧୁ ଡାକ୍ତର ସ୍ୱାଧୀନ ପଣ୍ଡାଙ୍କର ମଧ୍ୟ କୌଣସି ପତ୍ତା ମିଳୁନାହିଁ।

# ଡ୍ୟାନ୍ସ କ୍ଲାସରେ ଛୁରାମାଡ଼, ୨ ଛୁଆ ମୃତ, ୯ ଆହତ

ଲଣ୍ଡନ,୩୦।୭: ଚାଲିଥିଲା ପିଲାଙ୍କ ଡ୍ୟାନ୍ସ କ୍ଲାସ୍। ମ୍ୟୁଜିକ୍ ତାଳେ ତାଳେ ନାଚୁଥିଲେ କୁନି କୁନି ପିଲା। ବାସ୍ ଏତିକି ବେଳେ ଜଣେ ଦୁର୍ବୃତ୍ତ ପଶି ଅସି ଛୁରୀରେ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିରେ ୨ ଛୋଟ ପିଲାଙ୍କ ମୃତ୍ୟୁ ହୋଇଛି। ସେହିପରି ୯ ଜଣ ଆହତ ହୋଇଛନ୍ତି। ସୋମବାର ଉତ୍ତର-ପଶ୍ଚିମ ଇଂଲଣ୍ଡରେ ଘଟିଛି ଏଭଳି କିଛି ଘଟଣା।

ଲିଭରପୁଲ୍ ନିକଟ ସାଉଥପୋର୍ଟର ସମୁଦ୍ର କୂଳରେ ଏହି ଘଟଣା ଘଟିଛି। ଏହି ମାମଲାରେ ପୁଲିସ ଛୁରାମାଡ଼ କରିଥିବା ଜଣେ ୧୭ ବର୍ଷୀୟ ନାବାଳକକୁ ଗିରଫ କରିଛି। ତା'ଠାରୁ ଛୁରୀ ମଧ୍ୟ ଜବତ କରାଯାଇଛି। ତେବେ କାହିଁକି ସେ ପିଲାଙ୍କ ଉପରେ ଏଭଳି ଆକ୍ରମଣ କଲା ତା'ର କାରଣ ଅସ୍ପଷ୍ଟ ରହିଛି। ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି।

ବିବିସି ରିପୋର୍ଟ ମୁତାବକ, ଆତହ ୯ ଜଣ ପିଲାଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପିଲାମାନଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରୁଥିବାବେଳେ ଦୁଇଜଣ ବୟସ୍କଙ୍କୁ ମଧ୍ୟ ଛୁରାମାଡ଼ ହୋଇଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୁଲିସ କହିଛି। ଛୁରାମାଡ଼ ପରେ ଛୋଟ ଛୋଟ ପିଲାମାନେ ରକ୍ତ ଯୁଡୁବୁଡୁ ଅବସ୍ଥାରେ ଜୀବନ ବଞ୍ଚାଇ ଦୌଡୁଥିବା ଦେଖିବାକୁ ମିଳିଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

ସେପଟେ ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ଷ୍ଟାମର୍ର୍ ନିନ୍ଦା କରିଛନ୍ତିୟ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଷ୍ଟାମର୍ର୍ କହିଛନ୍ତି, ସାଉଥପୋର୍ଟରୁ ଭୟଙ୍କର ଏବଂ ଅତ୍ୟନ୍ତ ଚକିତ ଖବର ଆସୁଛି। ସମସ୍ତ ପ୍ରଭାବିତ ଲୋକଙ୍କ ସହ ମୋର ସମବେଦନା ରହିଛି।

ଲିଭରପୁଲ୍ ନିକଟ ସାଉଥପୋର୍ଟର ସମୁଦ୍ର କୂଳରେ ଥିବା ଏକ କମ୍ୟୁନିଟି ସେଣ୍ଟରରେ ୬ରୁ ୧୧ ବର୍ଷ ବୟସର ପିଲାମାନଙ୍କ ପାଇଁ ଟେଲର ସ୍ୱିଫ୍ଟ-ଥିମ୍ ଉପରେ ଡ୍ୟାନ୍ସ ଏବଂ ଯୋଗ କ୍ଲାସ୍ ଚାଲିଥିଲା।

# ବେସନ ଲଡୁ



**ସାମଗ୍ରୀ:**

ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

**ପ୍ରଣାଳୀ:**

ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

ଖବର

# ବାବୁସାନଙ୍କ ଜନ୍ମଦିନ ଧମାକା, ନୂଆ ସିନେମାର ଶୀର୍ଷକ ଘୋଷଣା




ସୁପରଷ୍ଟାର ବାବୁସାନ ମହାନ୍ତିଙ୍କ ଜନ୍ମଦିନ ଅବସରରେ ତାଙ୍କ ଆଗାମୀ ଚଳଚିତ୍ରର ଶୀର୍ଷକ ଘୋଷଣା ହେଇଯାଇଛି। ବାବୁସାନଙ୍କ ଅସଂଖ୍ୟ ପ୍ରଶଂସକ , ଓଡ଼ିଆ ଚଳଚ୍ଚିତ୍ର ଜଗତର ବହୁ ନିର୍ମାତା ନିର୍ଦ୍ଦେଶକ, କଳାକାର ଓ ଟେକ୍ନିସିଆନ, ଓ ଶୁଭେଚ୍ଛୁ ମାନେ ଯୋଗ ଦେଇ ତାଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇଥିଲେ। ଫାୟାର ଷ୍ଟେସନ ଛକ ନିକଟସ୍ଥ ଆଦିଲକ୍ଷ୍ମୀ କନଭେନସନ୍ ଠାରେ ପ୍ରଯୋଜନା ସଂସ୍ଥା ଗୁର୍ଭି ମିଡିଆ ପକ୍ଷରୁ ବାବୁସାନଙ୍କ ଜନ୍ମଦିନ ବଡ଼ ଧୁମ୍ ଧାମରେ ପାଳନ କରାଯାଇଛି। ଏହି ଅବସରରେ ତାଙ୍କର ଆଗାମୀ ଚଳଚିତ୍ରର ଶୀର୍ଷକ ଘୋଷଣା ହୋଇଯାଇଛି ।ଦଶହରାରେ ମୁକ୍ତିଲାଭ କରିବାକୁ ଥିବା ଏହି ଚଳଚ୍ଚିତ୍ରର ଶୀର୍ଷକ ରହିଛି ‘ସୋନକ’ ସରଗମ୍ ତ୍ରିପାଠୀଙ୍କ ପ୍ରଯୋଜିତ ତଥା ଶିଶିର କୁମାର ସାହୁ ଓ ପିନାକୀ ସିଂଙ୍କ ନିର୍ଦ୍ଦେଶିତ ସୋନକର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ବିଶ୍ୱଭୂଷଣ ମହାପାତ୍ର । ସିନେମାଟୋଗ୍ରାଫର ଅଛନ୍ତି ବିଭୂତି ଭୂଷଣ ବିଶ୍ୱାଳ । ଚିତ୍ରନାଟ୍ୟ ଲେଖିଛନ୍ତି ଅମ୍ଳି କୁମାର ଦାଶ ଓ ଅନିଲ ବାରିକ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ପ୍ରଣବ ପ୍ରସନ୍ନ ରଥ। ବିଜିଏମ୍ ଦାୟିତ୍ୱରେ ଅଛନ୍ତି ଜେରି ସିଲଭରଷ୍ଟାର ଭିନସେଣ୍ଟ। ସାଉଣ୍ଡ ଡିଜାଇନର ଭାବେ ଜିତାମିତ୍ର ଜେନା, ସମ୍ପାଦନରେ ଅଛନ୍ତି ରଶ୍ମି ରଞ୍ଜନ ଦାସ । କ୍ରିଏଟିଭ ହେଡ ଅଛନ୍ତି ପୂପୁନ ଜେନା। ଲାଇନ୍ ପ୍ରଡ୍ୟୁସର ଅଛନ୍ତି ସମ୍ବିତ ଜେନା। ନାୟକ ଭୂମିକାରେ ସମସ୍ତଙ୍କ ପ୍ରିୟ ସୁପରଷ୍ଟାର ବାବୁସାନ୍ ଥିବାବେଳେ ନାୟିକା ଭୂମିକାରେ ଜଣେ ନବାଗତାଙ୍କୁ ଦେଖିବାକୁ ମିଳିବ। ଅନ୍ୟାନ୍ୟ ଚରିତ୍ରରେ ଅଛନ୍ତି ଦ୍ପାର୍ନିତ ଦାସ ମହାପାତ୍ର, ରବି ମିଶ୍ର, ବବି ମିଶ୍ର, କେକେ, ଚୌଧୁରୀ ଜୟ ପ୍ରକାଶ ଦାସ ଓ ଭାସ୍ୱତୀ ବସୁ।

# ରାବିଡ଼ି ମାଲପୁଆ



ଆବଶ୍ୟକ ସାମଗ୍ରୀ: ମଇଦା, ଖୁଆ, କ୍ଷୀର, ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ବାଦାମ, କଟା ଆଲମଣ୍ଡ, ଚିନି, ପାନମଧୁରୀ ଓ ତେଲ


ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରାବିଡ଼ି ତିଆରି କରିବା ପାଇଁ ଏକ ପ୍ୟାନରେ କ୍ଷୀର ଗରମ କରନ୍ତୁ। ଏହାକୁ ହାଲକା ଆଞ୍ଚରେ ଫୁଟାନ୍ତୁ। ଏବେ ଏଥିରେ ଚିନି, କେସର, ଗୁଜୁରାତି ଗୁଣ୍ଡ, କଟା ପେସ୍ତା ଏବଂ କଟା ଆଲମଣ୍ଡ ପକାଇ ଭଲ ଭାବେ ମିଶାଇ ଫୁଟାନ୍ତୁ। କ୍ଷୀର ମରି ରାବିଡ଼ି ବହଳିଆ ହୋଇଆସିଲେ ଏହାକୁ ଏକ ପାତ୍ରରେ ବାହାର କରି ଫ୍ରିଜରେ ଥଣ୍ଡା ହେବା ପାଇଁ ଘଣ୍ଟାଏ ଛାଡ଼ି ଦିଅନ୍ତୁ ।ଏଥିପାଇଁ ପ୍ରଥମେ ଏକ ପାତ୍ରରେ ମଇଦା, ଖୁଆ, ଚିନି ଓ ପାନମଧୁରୀକୁ ମିଶାନ୍ତୁ। ଏଥିରେ ପାଣି ଗୋଳାଇ ଭଲ ଭାବେ ନରମ କରି ଚକଟି ଦିଅନ୍ତୁ। ଏହି ମିଶ୍ରଣରୁ ଛୋଟ ଛୋଟ ଗୋଳା ପ୍ରସ୍ତୁତ କରି ରୁଟି ବେଲିଲା ପରି ବେଲି ଦିଅନ୍ତୁ। ଏବେ ଏକ କଡ଼େଇରେ ଘିଅ କିମ୍ବା ତେଲ ଗରମ କରି ସେଥିରେ ମାଲପୁଆଗୁଡ଼ିକୁ ପକାଇ ଛାଣନ୍ତୁ। ମାଲପୁଆର ରଙ୍ଗ ଗୋଲଡେନ୍ ରେଡ୍ ହେବା ଯାଏ କମ୍ ଆଞ୍ଚରେ ଛାଣନ୍ତୁ। ଛାଣିବା ପରେ ଏହାକୁ ଏକ ପ୍ଲେଟକୁ ବାହାର କରି ରଖନ୍ତୁ। ଶିରା ପ୍ରସ୍ତୁତ କରିବା ପାଇଁ ଚିନିରେ ଅଳ୍ପ ପାଣି ମିଶାନ୍ତୁ। ଏବେ ଏଥିରେ ଅଳ୍ପ କେସର ଏବଂ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହାକୁ ଭଲଭାବେ ଫୁଟାନ୍ତୁ। ପ୍ରସ୍ତୁତ ହୋଇଗଲା ଶିରା। ବର୍ତ୍ତମାନ ଏହି ଶିରାରେ ମାଲପୁଆଗୁଡ଼ିକୁ ପକାନ୍ତୁ। ମାଲପୁଆ ନରମ ହୋଇଗଲେ ଏକ ପ୍ଲେଟକୁ କାଢ଼ି ଆଣନ୍ତୁ। ଏବେ ଏହା ଉପରେ ରାବିଡ଼ି ଢାଳନ୍ତୁ। କଟା ଆଲମଣ୍ଡ୍ ଏବଂ କଟା ପେସ୍ତାରେ ଏହାକୁ ସଜାନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଆପଣଙ୍କ ରାବିଡ଼ି ମାଲପୁଆ।

# ଆଲୋକକନ୍ୟା ରୂପରେ ଆଦିମାତାଙ୍କ ଦର୍ଶନ



ମାତା ଦୁର୍ଗା ଦୁର୍ଗତୀନାଶିନୀ । ଦୁଷ୍ଟମାନଙ୍କୁ ସଂହାର କରିବା ପାଇଁ ସେ ଉଗ୍ର ରୂପ ଧାରଣ କରିଥାନ୍ତି । ମାତ୍ର ମାତାଙ୍କ ହୃଦୟରେ ଭରି ରହିଛି ଅପାର କରୁଣା । ସେ ଜଗଜ୍ଜନନୀ । ଏ ସଂସାରରେ ସମସ୍ତେ ମାତାଙ୍କ ସନ୍ତାନ । କରୁଣାମୟୀ ମାତା କେବଳ ଦୁଷ୍ଟଙ୍କ ସଂହାର କରିବା ଲାଗି ଉଗ୍ର ରୂପ ଧାରଣ କରିଥାନ୍ତି । ହେଲେ ଯେତେବେଳେ ସୃଷ୍ଟି ବିନାଶ ପଥରେ ଅଗ୍ରସର ହୋଇଥାଏ, ସେତେବେଳେ ମାତା ରକ୍ଷାକର୍ତ୍ତ୍ରୀ ରୂପରେ ଆବିର୍ଭାବ ହୋଇଥାନ୍ତି । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ମହେଶ୍ୱର ଶିବ ଅତ୍ୟାଚାରୀ ରାକ୍ଷସ ଭ୍ରାତା ତ୍ରିପୁରାସୁରମାନଙ୍କୁ ବଧ କରିଥିଲେ । ଏହାପରେ ଶିବ ତିନି ଭାଇଙ୍କ ଶବ ଉପରେ ଉଗ୍ର ତାଣ୍ଡବ କରିଥିଲେ । ଚାରିଆଡ଼େ ଉତ୍ପାତ ଖେଳିଗଲା । ସୃଷ୍ଟି ପ୍ରଳୟ ହେବାର ଆଶଙ୍କା ସୃଷ୍ଟି ହେଲା। ଦେବଗଣ ମଧ୍ୟ ଚିନ୍ତିତ ହୋଇପଡ଼ିଲେ। ଏପରି ଏକ ସମୟରେ ମହାଦେବଙ୍କ କ୍ରୋଧ କିଏ ଶାନ୍ତ କରିବ ? ଏପରି ଭାବନା ନେଇ ଦେବଗଣ ମାତା ଶକ୍ତିଙ୍କୁ ପ୍ରାର୍ଥନା କଲେ। ସେମାନଙ୍କ ପ୍ରାର୍ଥନା ଶୁଣି ପରମସାଧ୍ୱୀ ଆଦିମାତା ତେଜ ବା ଆଲୋକର କନ୍ୟା ରୂପରେ ଦର୍ଶନ ଦେଇ ମହାଦେବଙ୍କ କୋପ ଶାନ୍ତ କରିଥିଲେ । ଏହାପରେ ମାତା ଜଗଧାତ୍ରୀ ଦକ୍ଷକନ୍ୟା ସତୀ ରୂପରେ ଆବିର୍ଭାବ ହୋଇଥିଲେ ଏବଂ ଶିବଙ୍କୁ ପତି ରୂପରେ ବରଣ କରିଥିଲେ ।

# ଆସନ୍ତୁ ଯିବା ଛତିଶଗଡ଼ କି ଗଙ୍ଗା



ବେରଗଡ଼ ବୁଲି ଗଲେ ସେଠାରେ ଅନେକ ପର୍ଯ୍ୟଟନ ସ୍ଥଳୀ ଦେଖିବାକୁ ପାଇବେ। ଆଉ ସେହି ସବୁ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ବରଗଡ଼ର ନୃସିଂହନାଥ ପୀଠ ଅନ୍ୟତମ।

କିପରି ଯିବେ

ବରଗଡ଼ ସହର ୬ ନଂ ଜାତୀୟ ରାଜପଥ ଦେଇ ସୋହେଲା ରାସ୍ତାରେ ଆପଣ ଯାଇପାରିବେ। ଏହାଠୁ ପ୍ରାୟ ୨୮ କି.ମି ଗଲା ପରେ ସୋହେଲା ପଡ଼ିବ। ସେହି ସ୍ଥାନରୁ ପଦ୍ମପୁର ରାସ୍ତା ଦେଇ ଗଲେ ନୃସିଂହ ନାଥଙ୍କ ପୀଠ ପଡ଼ିବ।

ତେବେ ବରଗଡରୁ ନୃସିଂହ ନାଥଙ୍କ ପୀଠକୁ ଯିବାକୁ ହେଲେ ଆପଣଙ୍କୁ ୧୧୩ କିମି ଯିବାକୁ ପଡ଼ିବ। ରାଜଧାନୀ ଭୁବନେଶ୍ୱରରୁ ୫୫ ନଂ ଜାତୀୟ ରାଜପଥ ଦେଇ ଗଲେ ଏହା ପ୍ରାୟ ୩୧୮ କି.ମି। ଆପଣ ସେଠାକୁ ଟ୍ରେନ କିମ୍ବା ଟ୍ୟାକ୍ସିରେ ଯାଇପାରିବେ।

ନୃସିଂହନାଥଙ୍କ ପୀଠ

ଜଗତର କଲ୍ୟାଣ ପାଇଁ ଭାଗବାନ ଅନେକ ରୂପରେ ଧରାପୃଷ୍ଠରେ ଅବତରଣ କରିଥାନ୍ତି। କେତେବେଳେ ବାମନ ରୂପରେ ତ ଆଉ କେତେବେଳେ ବରାହ ରୂପରେ। ସେହି ମନ୍ଦିରରେ କିନ୍ତୁ ଆପଣ ଠାକୁରଙ୍କୁ ଅଲଗା ରୂପରେ ଦେଖିବାକୁ ପାଇବେ। ସେଠାରେ ନୃସିଂହନାଥଙ୍କ ଶରୀର ସିଂହ ଭଳି ଏବଂ ମୁଖମଣ୍ଡଳ ବିରାଡ଼ି ସଦୃଶ ରହିଛି।

କାହିଁ କେଉଁ ଆଦିମ କାଳରୁ ମହାପ୍ରଭୁ ଏଠାରେ ପୂଜା ପାଇ ଆସୁଛନ୍ତି। ଐତିହାସିକ ମତରେ ପାଟଣାଗଡ଼ ରାଜା ୧୪୧୩ ଶତାବ୍ଦିର ଏହି ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ। ଆପଣ ସେଠାକୁ ଗଲେ ପୁରାତନ ନିଦର୍ଶନର ଚିତ୍ରକଳା ସାଙ୍ଗକୁ ଓଡ଼ିଆ କାରିଗରଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବାକୁ ପାଇବେ।

ବିଭିନ୍ନ ଦେବାଦେବୀ ପଶୁପକ୍ଷୀ ଆଦିଙ୍କ ନିଖୁଣ ମୂର୍ତ୍ତିକୁ ଆପଣ ଏବେ ମଧ୍ୟ ସେଠାରେ ଦେଖିବାକୁ ପାଇବେ। ସେଠାକାର ଏହି ଦୃଶ୍ୟକୁ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ପୀଠରେ ଦିନକୁ ଦିନ ଥର ହରିହର ପଙ୍ଗତ ହୋଇଥାଏ। ଆବାଳ ବୃଦ୍ଧ ବନୀତା ନୃସିଂହନାଥଙ୍କ ପ୍ରସାଦକୁ ବିନା ମୂଲ୍ୟରେ ସେବନ କରିବାର ନୀତି ରହିଛି।


ନୃସିଂହନାଥ ପୀଠ ଆପଣ ବୁଲି ଗଲେ ସେଠାରେ ଆଉ ଏକ ମନୋରାମ ଦୃଶ୍ୟ ମଧ୍ୟ ଆପଣ ଦେଖିବାକୁ ପାଇବେ। ସେଠାରେ ଏକ ଝରଣା ମଧ୍ୟ ପ୍ରବାହିତ ହେଉଛି। ସେହି ଝରଣାକୁ ପାଗ ହାରିଣୀ ବୋଲି କୁହାଯାଏ। ଏହି ଝରଣାର ଜଳ ଗଙ୍ଗା ଭଳି ପବିତ୍ର। ଆଉ ଏହାକୁ ଛତିଶଗଡ଼ କି ଗଙ୍ଗା ବୋଲି ମଧ୍ୟ କୁହାଯାଏ।

ସେଠାରେ ଲମ୍ବା ଲମ୍ବା ଗଛ ସାଙ୍ଗକୁ ବିରାଟ କାନ୍ଥ ସଦୃଶ ପଥୁରିଆ ରାସ୍ତା ଦେଇ ଗଲେ ଭୀମଧାର ନାମକ ଜଳପ୍ରପାତକୁ ଆପଣ ଦେଖିବାକୁ ପାଇବେ। ସେହି ଛୋଟିଆ ଜଳପ୍ରପାତ ଦେଖିଲେ ତାହା ଖଣ୍ଡାଧାରର ଛୋଟିଆ ରୂପ ପରି ଆପଣଙ୍କୁ ଲାଗିବ ନିଶ୍ଚିୟ।

ଏଠାରେ ଆପଣ ଦୀର୍ଘ ୨୦ ଫୁଟ ଉପରୁ ତଳକୁ ଲମ୍ଫ ମାରୁଥିବା ଜଳରାଶି ଦେଖିବାକୁ ପାଇବେ। ସେହି ସ୍ଥାନରେ ଥରେ ପହଞ୍ଚିଲେ ଆପଣଙ୍କ ମନ କେବେବି ଆସିବାକୁ ଇଚ୍ଛା ହେବ ନାହିଁ।

# ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ । ସେମାନେ



ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ । ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ । ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ । ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା । ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ । ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ । ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ । ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍‌କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ । ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି । ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ବାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ । କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ବିଭିନ୍ନ ଜଳଭଣ୍ଡାର ଓ ନଦୀରେ ଜଳପ୍ରବାହ ସ୍ଥିତି ଅନୁଧ୍ୟାନ କଲେମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୩୦।୭ (ମହାଭାରତ):** ସଂପ୍ରତି ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷାଫଳରେ ହୀରାକୁଦ ସମେତ ବିଭିନ୍ନ ନଦୀ ଅବବାହିକାରେ ଥିବା ଜଳଭଣ୍ଡାରଗୁଡିକର ଜଳସ୍ତର, ବିଭିନ୍ନ ନଦୀରେ ଜଳପ୍ରବାହ ସ୍ଥିତି ଓ ଏଥି ପାଇଁ ଜଳସଂପଦ ବିଭାଗ ସମେତ ସଂପୃକ୍ତ ବିଭିନ୍ନ ବିଭାଗ ଏବଂ ଜିଲ୍ଲାର ଜିଲ୍ଲାପାଳମାନଙ୍କର ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଙ୍ଗଳବାର ଅପରାହ୍ଣରେ ଲୋକସେବା ଭବନରେ ଏକ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ତଥା ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ରାଜସ୍ୱ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବତଥା ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ, ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଂଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସୁବର୍ଣ୍ଣପୁର, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, ଜଗତସିଂହପୁର, ନୟାଗଡ଼, ପୁରୀ, କଟକ ଆଦିଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ବୈଠକରେ ହୀରାକୁଦ ଓ ରେଙ୍ଗାଲି ଜଳଭଣ୍ଡାର ସମେତ ଅନ୍ୟ ବିଭିନ୍ନ ବୃହତ୍ଓ ମଧ୍ୟମ ଜଳ ଭଣ୍ଡାରଗୁଡ଼ିକର ଜଳଧାରଣ କ୍ଷମତା ଓ ବର୍ତ୍ତମାନର ଜଳସ୍ତର ସ୍ଥିତି ସଂପର୍କରେ ଅନୁଧ୍ୟାନ କରାଯାଇଥିଲା । ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଥିଲେ ଯେ, ବର୍ଷା ଋତୁରେ ବିଭିନ୍ନ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଲେ ବିଭାଗ ଦ୍ୱାରା ଅନୁସରଣ କରାଯାଉଥିବା ରୁଲ୍ କର୍ଭ, ବିଭିନ୍ନ ନଦୀ ଅବବାହିକାର ଉପର ମୁଣ୍ଡରେ ଜଳ ପ୍ରବେଶର ସୂଚନାଏବଂ ବିଭିନ୍ନ ନଦୀରେ ଜଳ ପ୍ରବାହର କ୍ଷମତା ଆଧାରରେ ନଦୀରେ ଜଳ ଛଡା ଯାଇଥାଏ । ଏବେ ହୀରାକୁଦ ଜଳଭଣ୍ଡାରରେ ୯୮ ଟି ଗେଟ୍ ମଧ୍ୟରୁ ୨୦ ଟି ଗେଟ୍ ଖୋଲାରହିଛି। ବୈଠକର ଆଲୋଚନାରୁ ଜଣାପଡିଛି ଯେ, ହୀରାକୁଦ ଜଳଭଣ୍ଡାର ଜଳଧାରଣ କ୍ଷମତା ପୂର୍ଣ୍ଣ ସ୍ଥିତି ୬୩୦.୦୦ ଫୁଟ ଥିବା ବେଳେ ଏବେ ଜଳସ୍ତର ୬୧୪.୦୮ଫୁଟ ରହିଛି । ସେହିପରି ରେଙ୍ଗାଲିରେ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବା ବେଳେ ଏବେ ଜଳସ୍ତର ୧୧୧.୩୨ ମିଟର ରହିଛି । ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଭିନ୍ନ ଜଳଭଣ୍ଡାରର ଜଳସ୍ତର ସ୍ଥିତି, ନଦୀରେ ଜଳ ପ୍ରବାହ ସ୍ଥିତି ସଂପର୍କରେ ଉପସ୍ଥାପନ କରିଥିଲେ। ସମସ୍ତ ବୃହତ ଓ ମଧ୍ୟମ ଜଳଭଣ୍ଡାର ଓ ନଦୀରେ ଜଳ ପ୍ରବାହର ସ୍ଥିତି ଉପରେ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ନଜର ରଖାଯାଇଛି। ଜଳକା ନଦୀରେ ଗତକାଲି ଅଧିକ ଜଳ ପ୍ରବାହିତ ହେଉଥିବା ବେଳେ ଏବେ ବିପଦ ସଂକୁଳ ସ୍ତର ତଳେ ଜଳ ପ୍ରବାହିତ ହେଉଛି। ମହାନଦୀର ମୁଣ୍ଡଳି ଠାରେ ଅଦ୍ୟାବଧି ପ୍ରାୟ ୪.୪୨ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ହୀରାକୁଦ ଓ ରେଙ୍ଗାଲୀ ଜଳଭଣ୍ଡାରକୁ ଜଳ ପ୍ରବେଶ ମାତ୍ରା କମ୍ ରହିଛି । ତେବେ ଲଗାଣ ବର୍ଷା ଯୋଗୁଁ ଅନ୍ୟ ଜଳ ଭଣ୍ଡାରଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି।




ସ୍ୱତନ୍ତ୍ର ରିଲିଫ କମିଶନର କହିଛନ୍ତି ଯେ, ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୂର୍ବରୁ ସମ୍ଭାବ୍ୟ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ରାଜ୍ୟସ୍ତରରେ ଓ ଜିଲ୍ଲାସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ କରାଯାଇଛି। ଏଥି ପାଇଁ ମାନକସଂଚାଳନ ପଦ୍ଧତି (ଏସ୍ଓପି) ରହିଛି, ଯାହାକୁ ଆଧାର କରି ରାଜ୍ୟ ତଥା ଜିଲ୍ଲାସ୍ତରରେ ସମ୍ଭାବ୍ୟ ବନ୍ୟା, ବାତ୍ୟା, ମରୁଡି ଆଦିର ପରିଚାଳନା କରାଯାଉଛି । ଏବେ ବିଭିନ୍ନ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି । ବିଭିନ୍ନ ନଦୀରେ ଜଳ ପ୍ରବାହ ହେଉଥିବା ଯୋଗୁଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଶେଷ କରି ନଦୀରେ ପାଣି ପ୍ରବାହ ଦେଖିବାକୁ ଯାଉଥିବା ବ୍ୟକ୍ତିମାନଙ୍କୁ ସାଥିରେ ଛୋଟପିଲା ମାନଙ୍କୁ ନଦୀ କୂଳକୁ ନ ଛାଡିବା, ଗାଈ ଗୋରୁମାନଙ୍କୁ ନଦୀକୁ ନଛାଡିବା, ବିପଜ୍ଜନକ ଭାବେ ସେଲଫି ନେବାରୁ ନିବୃତ୍ତ ରହିବାକୁସଚେତନତା ପାଇଁ ଏସଆରସି ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଆହୁରି ମଧ୍ୟ ଚିଲିକାରେ ଡଙ୍ଗା ବା ଲଂଚ ଚଳାଚଳ ବେଳେ ସଂଖ୍ୟାଧିକ ଯାତ୍ରୀ ପରିବହନ ଉପରେ ଏସଆରସି ପୁରୀ ଜିଲ୍ଲାପାଳଙ୍କୁ ସତର୍କ ଦୃଷ୍ଟି ରଖିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ଲଗାଣ ବର୍ଷା ଜନିତ ପ୍ରଭାବର ମୁକାବିଲା ସ୍ଥିତିରେ ସଂପୃକ୍ତ ଜିଲ୍ଲାମାନଙ୍କରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଛୁଟି ନ ନେବାକୁ ପରାମର୍ଶ ଦିଆଯାଇଛି।

ବିଭିନ୍ନ ଜିଲ୍ଲାରେ ପୂର୍ବରୁ ଚାଷ କାର୍ଯ୍ୟ ପାଇଁ ବର୍ଷା ପରିମାଣ ନିଅଣ୍ଟିଆ ସ୍ଥିତିରେ ରହିଥିବା ବେଳେ ଏବେ ବର୍ଷା ଫଳରେ ଚାଷ କାର୍ଯ୍ୟରେ ଆଶାଜନକ ଅଗ୍ରଗତି ପରିଲକ୍ଷିତ ହୋଇଥିବା ଜିଲ୍ଲାପାଳମାନେ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଅଧିକ ଲଗାଣ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଉପୁଜିଲେ ସେଥିପାଇଁ ସତର୍କତାମୂଳକ ପଦକ୍ଷେପ ନିଆଯାଇଥିବା ଜିଲ୍ଲାପାଳମାନେ କହିଥିଲେ । ବନ୍ୟା, ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତି ତଦାରଖ କାର୍ଯ୍ୟ କରାଯାଉଥିବା ସହ ଜିଲ୍ଲା ଜରୁରୀକାଳୀନ ରେସପନ୍ସ ଟିମ ପ୍ରସ୍ତୁତ ଥିବା ପ୍ରକାଶ କରିଥିଲେ । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ସୁନାମ ରହିଛି। ପୂର୍ବରୁ ରହିଥିବା ଏସଓପି ଆଧାରରେ ପୁନରୁଦ୍ଧାର ବ୍ୟବସ୍ଥା, ପ୍ରଶିକ୍ଷଣ,ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଯେଉଁ ଏସଓପି ରହିଛି, ଲଗାଣ ବର୍ଷା ଜନିତ ପ୍ରଭାବ ଓ ପରବର୍ତ୍ତୀ ପଦକ୍ଷେପ ପାଇଁ ତାହାକୁ ଅଧିକ କ୍ରିୟାଶୀଳ କରାଯାଇ ବିଭିନ୍ନ ବିଭାଗ ଓ ଜିଲ୍ଲାସ୍ତରରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।ଏସଓପି ଅନୁସରଣ ସହ କୌଣସି କ୍ଷେତ୍ରରେ ଯେପରି ଜୀବନ ହାନି ନ ଘଟେ , ସେଥିପ୍ରତି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ରାଜ୍ୟର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଆମର ଲକ୍ଷ୍ୟ

**ଭୁବନେଶ୍ୱର,୩୦।୭ (ମହାଭାରତ):** ବିଶୁଦ୍ଧ ପାନୀୟ ଜଳ ହେଉଛି ପ୍ରତିଟି ମଣିଷର ମୌଳିକ ଆବଶ୍ୟକତା । ତେଣୁ ରାଜ୍ୟର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ହେଉଛି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଲକ୍ଷ୍ୟ । ବିକଶିତ ଓଡ଼ିଶା ଗଠନ ଦିଗରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରକ୍ରିୟା ଏକ ପ୍ରାଥମିକ ପ୍ରୟାସ ବୋଲି ମେଗା ପାଇପ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ମତପ୍ରକାଶ କରିଛନ୍ତି।

ଭୁବନେଶ୍ୱର ଏସ୍ଆଇଆରଡି କ୍ୟାମ୍ପସ୍ ସ୍ଥିତ ଏମ୍ ? ?ଜିଏନ୍ ଆରଇଇଜିଏ ସମ୍ମିଳନୀ କକ୍ଷରେ ଆୟୋଜିତ ମେଗା ପାଇପ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ପଞ୍ଚାୟତିରାଜ ଓ ପାନୀୟ ଜଳ ରବିନାରାୟଣ ନାଏକ ଅଧ୍ୟକ୍ଷତା କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଲିଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରି ମାନ୍ୟବର ମନ୍ତ୍ରୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେସବୁ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସବିଶେଷ ସମୀକ୍ଷା କରି ମନ୍ତ୍ରୀ ନିର୍ମାଣାଧିନ ସମସ୍ତ ପ୍ରକଳ୍ପଗୁଡ଼ିକର ନିର୍ମାଣ ପାଇଁ ଧାର୍ଯ୍ୟ ସମୟ, ନିର୍ମାଣ କାର୍ଯ୍ୟର ମାନ ଆଦି ବିଷୟରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ ବର୍ତ୍ତମାନ ରାଜ୍ୟରେ ୩୫, ୧୯୩ କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୭ଟି ପ୍ରକଳ୍ପ ନିର୍ମାଣାଧିନ ଅଛି। ଏହା ମଧ୍ୟରୁ ନିର୍ମାଣ ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ୭୧ଟି ନିର୍ମାଣାଧିନ ପ୍ରକଳ୍ପର ପ୍ରାଥମିକତା ଭିତିରେ ସମୀକ୍ଷା ହୋଇଥିଲା । ଜନସାଧାରଣଙ୍କ ସମସ୍ୟାଗୁଡ଼ିକୁ ପ୍ରାଥମିକତା ଭିତିରେ ସମାଧାନ କରିବା ପାଇଁ ମନ୍ତ୍ରୀ ବିଭାଗର ସମସ୍ତ ଅଧିକାରୀ, ଯନ୍ତ୍ରୀ ଓ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ମାଣ କାର୍ଯ୍ୟର ମାନକୁ ବିଶେଷ ଗୁରୁତ୍ୱ ଦେବା ସହ ରାଜ୍ୟର ଅନ୍ତିମ ପରିବାରକୁ ମଧ୍ୟ ଉତ୍ସର୍ଗୀକୃତ ଭାବରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ସଂକଳ୍ପବଦ୍ଧ ହେବା ପାଇଁ ଶ୍ରୀ ନାଏକ କହିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ସମ୍ବୋଧନ କରି ମନ୍ତ୍ରୀ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ବିକଶିତ ଓଡ଼ିଶାର ମୂଳଦୁଆ ବୋଲି ପ୍ରକାଶ କରିବା ସହ ବିଭାଗୀୟ ପ୍ରଦର୍ଶନ ଓଡ଼ିଆ ଅସ୍ମିତାର ଏକ ସର୍ବୋତ୍କୃଷ୍ଟ ମାଧ୍ୟମ ହୋଇପାରିବ ବୋଲି ସୂଚିତ କରିଥିଲେ ।

# ଏମ୍ସ ଭୁବନେଶ୍ୱରରେ ବାର୍ଷିକ ହେଉଛି ୪ ହଜାରରୁ ଊର୍ଦ୍ଧ୍ୱ କର୍କଟ ରୋଗୀଙ୍କ ଅସ୍ତ୍ରୋପଚାର

**ଭୁବନେଶ୍ୱର,୩୦।୭ (ମହାଭାରତ):** ବର୍ଷକୁ ବର୍ଷ ମୁଣ୍ଡ ଏବଂ ଗଳା କର୍କଟ ରୋଗୀଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟୁଛି। ଯାହାକି ନିହାତି ଚିନ୍ତାଜନକ। ଏମ୍ସ ଭୁବନେଶ୍ୱର ଇଏନ୍ଟି ଏବଂ ରେଡିଓଥେରାପି ବିଭାଗକୁ କେବଳ ବାର୍ଷିକ ୧୦ ହଜାରରୁ ଅଧିକ ରୋଗୀ ଚିକିତ୍ସା ନିମନ୍ତେ ଆସୁଛନ୍ତି। ଏଥିମଧ୍ୟରୁ ସାଢ଼େ ତିନି ହଜାରରୁ ୪ ହଜାର ରୋଗୀ କେବଳ ମୁଣ୍ଡ ଏବଂ ଗଳା କର୍କଟ ଭାବେ ଚିହ୍ନଟ ହେଉଛନ୍ତି। ଏମାନଙ୍କର ଅସ୍ତ୍ରୋପଚାର କରାଯାଉଥିବା ବେଳେ ପ୍ରାୟ ୧୨ଶହରୁ ଅଧିକ ରୋଗୀ ରେଡିଓଥେରାପି ଏବଂ କେମୋଥେରାପି ଗ୍ରହଣ କରନ୍ତି। ମଦ୍ୟପାନ ଏବଂ ତମାଖୁ ସେବନ ହେତୁ ମୁଣ୍ଡ ଏବଂ ଗଳା କର୍କଟ ରୋଗର ଭୟାବହତା ବୃଦ୍ଧି ଘଟୁଥିବା





ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ତମାଖୁ ସେବନ, ଧୂମପାନ ଏବଂ ମଦ୍ୟପାନ ପରି କୁଅଭ୍ୟାସ କାରଣରୁ ଏହା କ୍ରମଶଃ ଭୟଙ୍କର ରୂପ ଧାରଣ କରୁଛି। ତେବେ ଉପରୋକ୍ତ ମାଦକ ଦ୍ରବ୍ୟକୁ ପରିତ୍ୟାଗ ଦ୍ୱାରା ଏହି ପ୍ରାଣଘାତୀ ରୋଗର ପ୍ରତିରୋଧକୁ ସେ ଗୁରୁତ୍ୱାରୋପ କରିଥିଲେ। ଥରେ ଚିହ୍ନଟ ହେବା ପରେ ଅସ୍ତ୍ରୋପଚାର, ରେଡିଓଥେରାପି ଏବଂ କେମୋଥେରାପି ଦ୍ୱାରା ଏହି କର୍କଟ ରୋଗର ଚିକିତ୍ସା କରାଯାଇ ଆରୋଗ୍ୟ କରାଯାଇପାରିବ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଏମ୍ସ ଭୁବନେଶ୍ୱରରେ ସମସ୍ତ ଚିକିତ୍ସା ସୁବିଧା ମାଗଣାରେ ଯୋଗାଇ ଦିଆଯାଉଥିବା ପ୍ରକାଶ। ମୁଣ୍ଡ ଏବଂ ଗଳା କର୍କଟ, ବିଶେଷତଃ ମୁଖ ଗହ୍ୱରକୁ ପ୍ରଭାବିତ କରିଥାଏ। ଭାରତୀୟଙ୍କ ମଧ୍ୟରେ ଏହା ସର୍ବାଧିକ କର୍କଟ ଅଟେ। ମହିଳାଙ୍କ ତୁଳନାରେ ଏହି ରୋଗରେ ପୁରୁଷମାନେ ଅଧିକ ଆକ୍ରାନ୍ତ ହୁଅନ୍ତି। ପାଟି ଖୋଲିବାରେ ଅସୁବିଧା ହେବା ସହିତ ପାଟି କ୍ରମଶଃ ସଙ୍କୁଚିତ ହୋଇଯିବା, ତୁଣ୍ଡ ଘା', ଦାନ୍ତ ଓ ବେକ ଫୁଲିଯିବା ଭଳି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବାକୁ ଏମ୍ସ ଇଏନ୍ଟି ଏବଂ ମୁଣ୍ଡ ଏବଂ ଗଳା ସର୍ଜରୀ ବିଭାଗର ମୁଖ୍ୟ ଡ. ପ୍ରଦୀପ କୁମାର ପରିଡ଼ା ପରାମର୍ଶ ଦେଇଛନ୍ତି।

ଏନେଇ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱର ଇଏନ୍ଟି ଏବଂ ରେଡିଏସନ୍ ଅଙ୍କୋଲୋଜି ବିଭାଗ ସହଯୋଗରେ ବିଶ୍ୱ ମୁଣ୍ଡ ଏବଂ ଗଳା କର୍କଟ ଦିବସ ଅବସରରେ ଶନିବାର ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡିନ୍ ଡ. ପ୍ରଶାନ୍ତ ଆର ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ଅଶୋକ କୁମାର ଜେନାଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକ, ଛାତ୍ରଛାତ୍ରୀ ଏବଂ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଉପସ୍ଥିତ ଥିଲେ।

# ଜାତୀୟ ଆପ୍ରେଂଟିସିପ୍ ପ୍ରଶିକ୍ଷଣ ଯୋଜନା ୨.୦ ପୋର୍ଟାଲର ଶୁଭାରମ୍ଭ

**ଭୁବନେଶ୍ୱର,୩୦।୭ (ମହାଭାରତ):** ଜାତୀୟ ଆପ୍ରେଂଟିସିପ୍ ପ୍ରଶିକ୍ଷଣ ଯୋଜନା(ନାଟ୍ସ) ଆମର ଯୁବପିଢ଼ିଙ୍କୁ ଆପ୍ରେଂଟିସିପ୍ ସୁଯୋଗ ସହିତ ଯୋଡ଼ିବା ସହ ଚାକିରି ପ୍ରଶିକ୍ଷଣ ପ୍ରଦାନ କରିବା ତଥା ସେମାନଙ୍କୁ ଅଧିକ ରୋଜଗାରକ୍ଷମ କରିବାରେ ବେଶ୍ ସହାୟକ ହେଉଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଜାତୀୟ ଆପ୍ରେଂଟିସିପ୍ ପ୍ରଶିକ୍ଷଣ ଯୋଜନା (ନାଟ୍ସ) ୨.୦ ପୋର୍ଟାଲର ଶୁଭାରମ୍ଭ ସହ ଡିବିଟି ମାଧ୍ୟମରେ ଛାତ୍ରବୃତି ଆକାରରେ ୧୦୦ କୋଟି ଟଙ୍କା ଜାରି କରିଛନ୍ତି । ନିଯୁକ୍ତି ସୁଯୋଗକୁ ଗତି ଦେବା ସହ ଯୁବପିଢିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ଦିଗରେ ଏହି ପୋର୍ଟାଲର ଶୁଭାରମ୍ଭ ହୋଇଛି। ଆପ୍ରେଣ୍ଟିସିପକୁ ଲୋକାଭିମୁଖୀ କରିବା, ଦକ୍ଷତା ବ୍ୟବଧାନକୁ ଦୂର କରିବା, ଯୁବାକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ । ଶୁଭାରମ୍ଭ ହୋଇଥିବା ଏନଏଟିଏସ୍ ୨.୦ ପୋର୍ଟାଲ ଆପ୍ରେଂଟିସିପ୍ ସୁଯୋଗର ପହଞ୍ଚକୁ ବ୍ୟାପକ କରିବ ଏବଂ ପ୍ରାର୍ଥୀ ଏବଂ ନିଯୁକ୍ତିଦାତାଙ୍କୁ ମ୍ୟାଚ୍ ମେକିଂ କରିବାରେ ସାହାଯ୍ୟ କରିବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ଏହି ଯୁଗ କେବଳ ଡିଗ୍ରୀ ହାସଲ କରିବା ପାଇଁ ନୁହେଁ ବରଂ ଦକ୍ଷତା ବିକାଶ ପାଇଁ ମଧ୍ୟ ଗୁରୁତ୍ୱବହନ କରେ। ଆମ ପାଠ୍ୟକ୍ରମରେ ନିଯୁକ୍ତି ଦକ୍ଷତା ବୃଦ୍ଧି ଉପରେ ଦୃଷ୍ଟି ଦିଆଯିବା ଉଚିତ୍। ଚଳିତ ବର୍ଷର ବଜେଟରେ ଦକ୍ଷତା ଏବଂ ନିଯୁକ୍ତି ବୃଦ୍ଧି ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି । ଆମର ଆପ୍ରେଣ୍ଟିସିପ୍ ଇକୋସିଷ୍ଟମ୍ ବିବିଧ ଏବଂ ଉଭା ହେଉଥିବା ନୂଆ କ୍ଷେତ୍ରକୁ ସାମିଲ କରିବା ଉଚିତ୍ । ଦେଶର ଡେମୋଗ୍ରାଫିକ୍ ଡିଭିଡେଣ୍ଡକୁ ଉପଯୋଗ କରିବା ପାଇଁ ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରିବା ପାଇଁ ଆହ୍ୱାନ କରିଛନ୍ତି ଶିକ୍ଷା ମନ୍ତ୍ରୀ । ଏହାସହ ସମସ୍ତ ଶିକ୍ଷାନୁଷ୍ଠାନ ଓ ଶିଳ୍ପସଂସ୍ଥା ଗୁଡ଼ିକୁ ନାଟ୍ସ ୨.୦ ପୋର୍ଟାଲରେ ସାମିଲ ହେବା ପାଇଁ ଅପିଲ କରିଛନ୍ତି । ଆପ୍ରେଂଟିସିପକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ନାଟ୍ସ ଯୋଜନାର ସୁବିଧା ପାଇଥିବା କେନ୍ଦୁଝରର ଦମୟନ୍ତୀ ମହାନ୍ତ ନିଜର ଅନୁଭୂତି ପ୍ରକାଶ କରିଥିଲେ । ଗରିବ ପରିବାରରୁ ଆସି ସରକାରୀ ପଲିଟେକନିକ, ସମ୍ବଲପୁର ଶିକ୍ଷାନୁଷ୍ଠାନରୁ ଡିପ୍ଲୋମା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରର ପାଠ ପଢି ନାଟ୍ସ ମାଧ୍ୟମରେ ସମ୍ବଲପୁର, ବୁର୍ଲା ସବଡିଭିଜନରେ କିପରି ପ୍ରଶିକ୍ଷଣ ପାଇ ଲାଭ ପାଇପାରିଛନ୍ତି ତା' ଉପରେ ଆଲୋକପାତ କରିଥିଲେ, ଯାହାକୁ ଟ୍ୱିଟ୍ କରି କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଛନ୍ତି ।

# ରାଜଭବନରେ ସଚିବ ଶାଶ୍ୱତ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୩୦।୭ (ମହାଭାରତ):** ରାଜଭବନଠାରେ ବିଦାୟୀ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ ନବ ନିଯୁକ୍ତ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମଙ୍ଗଳବାର ଦିନ ରାଜଭବନର ଅଭିଷେକ ହଲ୍ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦାୟୀ ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କୁ ନୂଆ ଦାୟିତ୍ୱ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅର୍ଥ ଓ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଶ୍ରୀ ମିଶ୍ର ରାଜ୍ୟ ପ୍ରଗତିରେ ଉଲ୍ଲେଖନୀୟ ଭୂମିକା ନିଭାଇବେ ବୋଲି ଆଶା କରିଥିଲେ। ଏତଦ୍ବ୍ୟତୀତ ନବ ନିଯୁକ୍ତ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତଙ୍କୁ ମଧ୍ୟ ଶୁଭେଚ୍ଛା ଓ ସଦିଚ୍ଛା ଜଣାଇବା ସହିତ ରାଜଭବନରେ ଗରିମା ବଢ଼ାଇବାରେ ତାଙ୍କର ଦକ୍ଷତା ଓ ଅଭିଜ୍ଞତା ଉପଯୋଗ କରିବେ ବୋଲି କହିଥିଲେ। ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥୀ ଏବଂ ରାଜଭବନର ଅଧିକାରୀ/ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ବିଜେଡି ବିରୋଧୀ ଦଳରେ ବସିବାର ଅଭ୍ୟାସ କରୁ : ଆଇନମନ୍ତ୍ରୀ

**ଭୁବନେଶ୍ୱର,୩୦।୭ (ମହାଭାରତ):** ବଜେଟକୁ ନେଇ ବିରୋଧୀ ଦଳ ନେତାଙ୍କ ଆକ୍ଷେପ ଉପରେ କଡ଼ା ଜବାବ ରଖିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବେଶ ରୋଚକ ଭାବେ ଗୃହରେ ମନ୍ତବ୍ୟ ରଖିଛନ୍ତି ଆଇନମନ୍ତ୍ରୀ। ବଜେଟ ଆଲୋଚନା ବେଳେ ୨୪ ବର୍ଷର ବିଜେଡ଼ି ଶାସନ ଉପରେ ପ୍ରଶ୍ନ ଉଠାଇଛନ୍ତି। ନିଜ ଜବାବରେ ମନ୍ତ୍ରୀ କହିଛନ୍ତି, ଜଣେ ୨୪ ବର୍ଷର ନିକମ୍ମା ଯୁବକ ଥିଲା, ତା ବାପା ପଚାରିଲେ ତୁ କଣ କରୁଛୁ । ଯୁବକ ଜଣକ ଗୋଟେ ଦେଢ଼ ମାସର ଶିଶୁକୁ ଦେଖାଇ କହିଲା, ସେ କଣ କରୁଛି କି। ବାପା କହିଲେ ତୋ ମୁହଁକୁ ଲାଜ ନାହିଁ, ଗୋଟେ ଦେଢ଼ ମାସର ଶିଶୁ ସହ ନିଜକୁ ତୁଳନା କରୁଛୁ । ବିଜେଡ଼ିକୁ ଆଇନ ମନ୍ତ୍ରୀ କହିଲେ, ବିରୋଧୀ ଦଳରେ ବସିବାର ଅଭ୍ୟାସ କରନ୍ତୁ। ଦେଢ଼ ମାସର ସରକାରକୁ ସବୁ କଥାରେ ଆକ୍ଷେପ କରିବା ଉଚିତ ନୁହେଁ । କୁଶାସନ ଇଫେକ୍ଟ ପ୍ରଶାସନରୁ ଏବେ ଯାଏଁ ଯାଇନି। ବର୍ଷକ ଭିତରେ ବିଜେଡିକୁ ଭୁଲି ଯିବେ ଲୋକେ। ରାଜନୀତିରେ ଅହଙ୍କାରର ସ୍ଥାନ ନାହିଁ । ଯିଏ ଅହଙ୍କାର କରିଛି ସେ ଶେଷ ହୋଇଯାଇଛି । ଅତୀତରେ ବି ଅନେକ ନଜିର ରହିଛି। ଏ ହେଉଛି ସଂପୂର୍ଣ୍ଣ ରୂପେ ଏକ ଅସହିଷ୍ଣୁତାର ପ୍ରତିଫଳନ। ଆମେ ନିଷ୍ପତି ନେଇଛୁ, ସଂକଳ୍ପ ପତ୍ରରେ ଯାହା କହିଛୁ, ସେ ସବୁ ପୂରଣ କରିବୁ । ବିଜେଡ଼ି ୨୦୦୯, ୨୦୧୪ ଏବଂ ୨୦୧୯ ଇସ୍ତାହାରରେ ଯାହା କହିଥିଲେ ସେ ସବୁ କଥା ମନେ ଅଛି କି ନାହିଁ । ବିରୋଧୀ ଦଳ ନେତାଙ୍କ ଆଚରଣ ଅଶୋଭନୀୟ। ବଜେଟ ଭାଷଣ ଭିତରେ ବିଜେପି ଜୁମଲା କରିଛି ବୋଲି କହିବା, ଗୃହର ମର୍ଯ୍ୟାଦାକୁ ହାନୀ କରୁଛି। ଖରାପ ପରମ୍ପରା, ଖରାପ ଆଚରଣ ଓ ମାଇକ ଭଙ୍ଗା ଦେଖିବାକୁ ନୂଆ। ବିଧାୟକ ମାନେ ନିର୍ବାଚିତ ହୋଇ ଆସିନାହାନ୍ତି । ବଜେଟକୁ ଜୁମଲା କହିବା, କେତେଦୂର ଯଥାର୍ଥ, ଏହା ଆପଣ ମାନେ ବିବେକକୁ ପଚାରନ୍ତୁ। ୨୪ବର୍ଷ ଧରି ଆପଣମାନେ କଣ କରୁଥିଲେ ସ୍ପଷ୍ଟ କରନ୍ତୁ। ସମ୍ରାଟ ଆକବର ଭଳି ଜଣେ ଦୟାଳୁ ବ୍ୟକ୍ତି ଥିଲେ, ଯିଏ ସବୁ ନିର୍ବାଚନ ମଣ୍ଡଳୀ ନିର୍ବାଚନ ପୂର୍ବରୁ ବୁଲୁଥିଲେ। ମୁଖ୍ୟମନ୍ତ୍ରୀ ସକ୍ଷମ ନାହାନ୍ତି ଓ ସେ ମୁଖ୍ୟମନ୍ତ୍ରୀଙ୍କ ସ୍ଥାନରେ ଆସିଛନ୍ତି ବୋଲି କହୁଥିଲେ। ତାଙ୍କ ମଞ୍ଚ ବାନ୍ଧୁ ଥିଲେ ବିଧାୟକ ଓ ସାଂସଦମାନେ। ସମ୍ରାଟ ଆକବର ଭଳି ଅଭିଯୋଗ ଆଣି ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଥିଲେ। ଏଭଳି ଶାସନକୁ ଜୁମଲା କୁହାଯିବନି ତ କଣ କୁହାଯିବ। ବିଭିନ୍ନ ଜାଗାରେ ୫-ଟି ସ୍କୁଲ ନାଁରେ ରଙ୍ଗ ମାରି ବିଜେଡ଼ି ନେତାମାନେ ଟଙ୍କା ରୋଜଗାର କଲେ।

# ସମ୍ଭାବ୍ୟ ବନ୍ୟା ପରିଚାଳନାର ସମୀକ୍ଷା କଲେ ଉନ୍ନୟନ କମିଶନର

**ଭୁବନେଶ୍ୱର,୩୦।୭ (ମହାଭାରତ):** ରାଜ୍ୟ ଉନ୍ନୟନ କମିଶନର-ତଥା -ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗତା-୨୯.୦୭.୨୦୨୪ ସୋମବାର ବିଭାଗର ବରିଷ୍ଠ ଯନ୍ତ୍ରୀଙ୍କ ସହ ବନ୍ୟା ପରିଚାଳନା ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଗେଟ୍ ଖୋଲାଯିବା ସହ ଡ୍ୟାମରୁ ଜଳ ପ୍ରବାହିତ ହେବା ପରେ ସାମ୍ପ୍ରତିକ ସମ୍ଭାବ୍ୟ ବନ୍ୟା ସ୍ଥିତିର ସେ ସମୀକ୍ଷା କରିଥିଲେ। ଗଠିତ ସ୍ୱତନ୍ତ୍ର ବୈଷୟିକ କମିଟିର ପରାମର୍ଶ ଅନୁଯାୟୀ ହୀରାକୁଦ ଜଳଭଣ୍ଡାରର ସ୍ତର ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆଗକୁ ସମ୍ଭାବ୍ୟ ବର୍ଷା ପରିପ୍ରେକ୍ଷୀରେ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ପ୍ରମୁଖ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ସ୍ଥିତିର ସମୀକ୍ଷା କରିଛନ୍ତି ଏବଂ ଏହି ଜଳଭଣ୍ଡାରଗୁଡ଼ିକରୁ ଜଳ ନିଷ୍କାସନ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାଜଳ ଛଡ଼ାଯିବା ପୂର୍ବରୁ ସମସ୍ତ ଡ୍ୟାମ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନକୁ ଇ-ମେଲ କିମ୍ବା ହ୍ୱାଟସଆପ୍ କିମ୍ବା ଫୋନ୍ ଯୋଗେ ଅବଗତ କରିବା ସହ ଏସଓପି ପାଳନ କରିବାଏବଂ ବନ୍ୟା ପରିସ୍ଥିତିରେ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିଜ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ସତର୍କ ରହିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମତୀ ଗର୍ଗ ବିଭାଗର ବରିଷ୍ଠ ଯନ୍ତ୍ରୀଙ୍କ ସହ ବନ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ବନ୍ୟା ସମୟରେ ସମସ୍ତଙ୍କୁ ସତର୍କ ରହି କାର୍ଯ୍ୟ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



# ଲୋକେ ସରଳ ବିଶ୍ୱାସୀ

ହାଥରସରେ ଯାହା ଘଟିଲା ତାହା ଅତ୍ୟନ୍ତ ମର୍ମନ୍ତୁଦ ଏବଂ ଦୁଃଖଦାୟକ। ଦଳାଚକଟାରେ ଏତେ ସଂଖ୍ୟକ ବ୍ୟକ୍ତି ପ୍ରାଣ ହରାଇବା କ୍ୱଚିତ ଦେଖାଯାଇଥାଏ। ଅନେକ ସମୟରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଅତ୍ୟଧିକ ହେଲେ ଏଭଳି ଘଟଣା ଦେଖାଯାଇଥାଏ। ୧୯୯୩ ନଭେମ୍ବରରେ ପୁରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ବେଳେ ଏଭଳି ଏକ ଦୁଃଖଦାୟକ ଘଟଣା ଘଟିଥିଲା। ସେହିପରି ବାରିପଦାରେ ନିଗମାନନ୍ଦ ଭକ୍ତଙ୍କ ପକ୍ଷରୁ ଏଭଳି ସତସଙ୍ଗ ବେଳେ ଅଗ୍ନିକାଣ୍ଡରୁ ବହୁ ଲୋକଙ୍କ ଜୀବନ ହାନୀ ହୋଇଥିଲା। ଇସଲାମ ଧର୍ମର ଏକ ପବିତ୍ର ପୀଠ ମକ୍କାରେ ମଧ୍ୟ ଅତୀତରେ ଏଭଳି ଦଳାଚକଟାରେ ଅନେକ ପ୍ରାଣ ହରାଇଥିବାର ନଜିର ରହିଛି। ତେବେ ହାଥରସରେ ଏତେ ସଂଖ୍ୟକ ବ୍ୟକ୍ତି ପ୍ରାଣ ହରାଇବା ଦୁର୍ଭାଗ୍ୟଜନକ ଏବଂ ଚିନ୍ତାଜନକ। ଦଳାଚକଟାରେ ମୃତକଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ମହିଳା ଓ ଶିଶୁ। ଅଧିକାଂଶ ଏଭଳି ଘଟଣାରେ ମହିଳା ଓ ଶିଶୁମାନେ ଅଧିକ ସଂଖ୍ୟାରେ ପ୍ରାଣ ହରାଇଥାଆନ୍ତି। ଆତ୍ମ ଘୋଷିତ ଧର୍ମ ପ୍ରବଚକ ଭୋଲେ ବାବାଙ୍କ ପ୍ରବଚନ ଶୁଣିବା ଲାଗି ହଜାର ହଜାର ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ ହୋଇଥିଲେ। ପୂର୍ବରୁ ମଧ୍ୟ ଭୋଲେ ବାବା ଏଭଳି ଅନେକ ସ୍ଥାନରେ ପ୍ରବଚନ ଦେଇଛନ୍ତି। ସମଗ୍ର ଉତ୍ତର ଭାରତରେ ତାଙ୍କର ଅନେକ ଶ୍ରଦ୍ଧାଳୁ ଅଛନ୍ତି। ହାଥରସରେ ତାଙ୍କ ପ୍ରବଚନ ଲାଗି ଯେଉଁ ସଙ୍ଗଠନ ଆୟୋଜନ କରିଥିଲା ସେହି ସଙ୍ଗଠନର ଦାୟିତ୍ୱହୀନତା ଲାଗି ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଲା। ଏଥିଲାଗି ଜିଲ୍ଲା ପ୍ରଶାସନ ମଧ୍ୟ ଦାୟୀ। ଏଭଳି ଏକ ବଡ଼ ଜନସମାଗମ ଆୟୋଜନ ହେଉଥିବା ବେଳେ ଏଠାରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଅଛି କି ନାହିଁ, ସେ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଯାଞ୍ଚ କରିବା ଉଚିତ ଥିଲା। କିନ୍ତୁ ପ୍ରଶାସନ ନିଜ ଦାୟିତ୍ୱ ନିର୍ବାହରେ ଚରମ ତ୍ରୁଟି କରିଛି। ସ୍ଥାନୀୟ ପୋଲିସ ଆୟୋଜକଙ୍କ ମଧ୍ୟରୁ ୬ଜଣଙ୍କୁ ଗିରଫ କରିଛି। କିନ୍ତୁ ଭୋଲେ ବାବା ଏ ଯାବତ ଗିରଫ ହୋଇ ନାହାଁନ୍ତି। ଏହା ବ୍ୟତିତ ଦାୟିତ୍ୱରେ ଅବହେଳା ଯୋଗୁ ପୋଲିସ ଓ ପ୍ରଶାସନ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ପୋଲିସ ରେକର୍ଡ ଯାହା କହୁଛି, ୨୪ ବର୍ଷ ତଳେ ଭୋଲେ ବାବାଙ୍କୁ ପୋଲିସ ଗିରଫ କରିଥିଲା। ୨୦୦୦ ମସିହାରେ ଆଗ୍ରାରେ ପ୍ରାଣ ହରାଇଥିବା ଏକ ୧୬ ବର୍ଷର ବାଳକର ଶବକୁ ସେ ଯୋର ଜବରଦସ୍ତ ନେଇ ବାଳକକୁ ପୁନର୍ଜୀବିତ କରିବାକୁ ବୃଥା ପ୍ରୟାସ କରିଥିଲେ। ତାଙ୍କ ସାଧନା ଏବଂ ସ୍ପର୍ଶରେ ମୃତ ବାଳକ ଜୀବିତ ହୋଇଯିବ ବୋଲି ସେ ମିଥ୍ୟା ଧାରଣା ସୃଷ୍ଟି କରିଥିଲେ। କିଛି ଲୋକ ଅନ୍ଧ ଭାବେ ଏହାକୁ ବିଶ୍ୱାସ ମଧ୍ୟ କରିଥିଲେ। କିନ୍ତୁ ପୋଲିସ ଶବ ଉଦ୍ଧାର କରି ସମ୍ପୃକ୍ତ ମୃତ ବାଳକର ପରିବାରକୁ ହସ୍ତାନ୍ତରିତ କରିବା ସହ ଭୋଲେ ବାବାଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଭୋଲେ ବାବା ଜଣେ ଭଣ୍ଡ ବାବା ଏବଂ ସେ ଆଧ୍ୟାତ୍ମିକ ଗୁରୁ ଅପେକ୍ଷା ଶସ୍ତା ଲୋକପ୍ରିୟତା ହାସଲ ଲାଗି ନାଟକବାଜି କରନ୍ତି। ଭାରତୀୟ ମାନେ ଭାରି ସରଳ ଏବଂ ଧର୍ମବିଶ୍ୱାସୀ। ସେମାନେ ଧର୍ମ ନାମରେ ଅଲୌକିକତା ଉପରେ ବିଶ୍ୱାସ ରଖିଥାଆନ୍ତି। ତେଣୁ ଭୋଲେ ବାବାଙ୍କ ଭଳି ଅନେକ ଭଣ୍ଡ ଏବଂ ଠକ ବ୍ୟକ୍ତି ସରଳ ବିଶ୍ୱାସୀ ଲୋକଙ୍କୁ ଠକି ଥାଆନ୍ତି। ହଜାର ହଜାର ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ସେମାନେ ଅୟସ ବିଳାସରେ ଜୀବନ ବିତାଇଥାଆନ୍ତି। ଭୋଲେ ବାବା ମଧ୍ୟ ଅନୁରୂପ ଢଙ୍ଗରେ ଜୀବନ ବିତାଉଥିଲେ। ସିସିଟିଭି ଫୁଟେଜରୁ ଯାହା ଜରାପଡ଼ିଛି ଦଳାଚକଟା ପରେ ବାବା କାରରେ ବସି ନିଜ ସହଯୋଗୀଙ୍କ ସହ ସେଠାରୁ ବାହାରି ଯାଇଥିଲେ।

# ଜୀବନ ସାଧନା : ଧ୍ୟାନ

॥ ଯଶସ୍ୱିନୀ ପଟ୍ଟନାୟକ ॥


ଯଦିଓ ଏହା ପ୍ରତ୍ୟେକ ବ୍ୟକ୍ତିକୁ ତାହାର ନିଜର ସୁବିଧା ସମୟ ଉପରେ ଧ୍ୟାନ କରିବା ପାଇଁ ଛାଡ଼ି ଦିଆଯାଇଥାଏ, ଯେତେବେଳେ ସେ ବାହ୍ୟ ପରିସ୍ଥିତି ଦ୍ୱାରା ବହୁତ କମ୍ ବିଚଳିତ ହେଉଥାଏ, ତଥାପି ମଧ୍ୟ ଦିବସର କିଛି ସମୟ ଥାଏ ଯାହା ଧ୍ୟାନ କରିବା ନିମନ୍ତେ ଅନ୍ୟ ମୁହୂର୍ତ୍ତ ଅପେକ୍ଷା ଅଧିକ ଉପଯୋଗୀ ହୋଇଥାଏ। ଏହା ସର୍ବଜନବିଦିତ ଯେ ପ୍ରାତଃ ସମୟର ମୁହୂର୍ତ୍ତ ସୂର୍ଯ୍ୟୋଦୟ ପୂର୍ବରୁ ଧ୍ୟାନ ପାଇଁ ବିଶେଷ ଫଳପ୍ରଦ ହୋଇଥାଏ। ତାହାର କାରଣ, ପ୍ରକୃତିର ସକ୍ରିୟ ଶକ୍ତି ରାଜି ଜାଗୃତ ହୋଇନଥାନ୍ତି ଏବଂ ପରିବେଶରେ ଗୋଟିଏ ବିଶେଷ ଶାନ୍ତି ଅବସ୍ଥା ବିଦ୍ୟମାନ ଥାଏ।


ସାଧାରଣତଃ ଧ୍ୟାନ ଶବ୍ଦଟି ମନ ଭିତରେ ଉଙ୍କି ମାରିଲା ବେଳକୁ ଆମ୍ଭ ମାନଙ୍କ ଭିତରେ ଶାନ୍ତ ମୁଦ୍ରାରେ ନିରବ ପରିବେଶରେ ଜଣେ ସ୍ଥିତପ୍ରଜ୍ଞ ଭାବନା ସହ ବସିବାର ମୂର୍ତ୍ତିଟି ଭାସି ଆସେ। ଧ୍ୟାନ ଏପରି ଏକ ଅବସ୍ଥା ଯାହାକି ବ୍ୟସ୍ତପୂର୍ଣ୍ଣ ଜୀବନ ବା କର୍ମମୟ ଜଞ୍ଜାଳ ଭିତରେ ଏତେଟା ସହଜ ହୋଇନଥାଏ। ଧ୍ୟାନ ଆମ ସମସ୍ତଙ୍କ ପାଇଁ ଏକ ଅପରିହାର୍ଯ୍ୟ ଚେତନା। ଯୋଗ, ପ୍ରାଣାୟମ, ଆସନ ବା ବିଭିନ୍ନ ଆଧ୍ୟାତ୍ମିକ ଚେତନାର ଅନ୍ୟତମ ଶ୍ରେଷ୍ଠ ଅବସ୍ଥା ହେଉଛି ଧ୍ୟାନ। ଏ କଥା ସହଜରେ ବୁଝାଯାଏ ଯେ, ସମସ୍ତଙ୍କୁ ଧ୍ୟାନ କରିବାର ଆବଶ୍ୟକତା ନଥାଏ। ପ୍ରତ୍ୟେକଙ୍କର ନିଜସ୍ୱ ଧାରା ରହିଥାଏ - କେହି କେହି ଭକ୍ତି ଦ୍ୱାରା, କେହି କେହି ସଙ୍ଗୀତ ମାଧ୍ୟମରେ, ଅନ୍ୟ କେହି ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଅନ୍ୟ କେହି ନିଷ୍କାମ କର୍ମ ଦ୍ୱାରା ପଥଗୁଡ଼ିକ ଅନେକ। ଯେଉଁମାନଙ୍କର ପାଇଁ ଭଗବତ ଅନ୍ୱେଷଣ ପାଇଁ ଧ୍ୟାନ ସହାୟକ ହୋଇଥାଏ ସେମାନେ ଏହି କଥାଟି ନିଶ୍ଚିନ୍ତ ରୂପେ ଜାଣି ରଖିବା ଉଚିତ ଯେ, ଧ୍ୟାନ ନିଜ ଲକ୍ଷ୍ୟ ନୁହେଁ, ତେଣୁ ଘଣ୍ଟା ଘଣ୍ଟା କାଳ ମଧ୍ୟରେ ବାସିବା ଏହି ଉଦ୍ଦେଶ୍ୟ ପାଇଁ ଯଥାର୍ଥ ନୁହେଁ ଧ୍ୟାନର ଗୁଣବତ୍ତା ବାସ୍ତିବକ ଗୁରୁତ୍ୱପୂର୍ଣ୍ଣ କଥା ଅଟେ। ଯେଉଁମାନଙ୍କର ପଥ ଧ୍ୟାନ ମାଧ୍ୟମ ଦେଇଯିବାକୁ ହୋଇଥାଏ ଅଥବା ଅତିକମ୍‌ରେ ଏହା ତାଙ୍କ ସାଧନାର ଏକ ମୁଖ୍ୟ ଅଙ୍ଗ ହୋଇଥାଏ, ଏହାର ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ସେମାନେ ନିୟମିତ ଭାବେ ଧ୍ୟାନରେ ବସିବା ଉଚିତ। ଏକଥା କହିଲେ ଚଳିବ ନାହିଁ କି ଯେତେବେଳେ ପରିସ୍ଥିତି ଅନୁକୂଳ ଥିବ ଆମେ ସେତେବେଳେ ଧ୍ୟାନ କରିବା। ଗୋଟିଏ ଅନ୍ତରମୁଖି ଭାବର ଗତିବୃତ୍ତି କିମ୍ବା ଶାନ୍ତିର ଅବତରଣ କିମ୍ବା ଏକ ଉର୍ଦ୍ଧ୍ୱମୁଖୀ ଆକର୍ଷଣ। ସ୍ୱଭାବିକ ଭାବେ ଯେତେବେଳେ ସେହି ମୁହୂର୍ତ୍ତ ଗୁଡ଼ିକ ଆସିଥାଏ, ଜଣେ ତା'ପ୍ରତି ଧ୍ୟାନ ଦେଇଥାଏ, ଯଦି ସମ୍ଭବପର ହୁଏ ତେବେ ଅନ୍ୟ ସବୁ କର୍ମକୁ ପଛରେ ପକାଇ ତାକୁ ଆଗ କରିଥାଏ। ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ଜଣଙ୍କର ନିୟମିତ ଭାବେ ଧ୍ୟାନ କରିବାର ସମୟ ରଖାଯାଇଥିବା ଆବଶ୍ୟକ। ଜଣଙ୍କର ମନର ଅବସ୍ଥା ଭଲ ଅଛି କି ନାହିଁ, ସେ କଥା ଉପରେ ଆଦୌ ଗୁରୁତ୍ୱ ନଦେଇ, ଜଣେ ପ୍ରତ୍ୟେହ ନିର୍ଦ୍ଧାରିତ ସମୟରେ ଧ୍ୟାନରେ ବସିବା ଉଚିତ। ଏହି ନିୟମିତତା ଜଣକ ପ୍ରକୃତି ମଧ୍ୟରେ ଗ୍ରହଣଶୀଳତାର ଗୋଟିଏ ଅଭ୍ୟାସ ସେହି ନିର୍ଦ୍ଦିଷ୍ଟ ସମୟରେ ହିଁ ସୃଷ୍ଟି କରିଥାଏ ଏବଂ ଚେତନା ମଧ୍ୟରେ ଗୋଟିଏ ସ୍ୱତଃ ସ୍ଫୂର୍ତ୍ତ ଭାବେ ଏକାଗ୍ରତା ଭାବ ସୃଷ୍ଟି କରିଥାଏ। ଏହା କେବଳ ଜଣକ ପ୍ରକୃତି ମଧ୍ୟରେ ଆସିଥାଏ ତାହା ନୁହେଁ ପାରିପାର୍ଶ୍ୱିକ ବାତାବରଣରେ ମଧ୍ୟ ତାହା ସୃଷ୍ଟି ହୋଇଥାଏ। ସେଠାରେ ଗୋଟିଏ ଅଭ୍ୟାସ ସୃଷ୍ଟି ହୋଇଥାଏ, ଏହି ଆସ୍ପୃହାର ପ୍ରତି ଉତ୍ତର ଦେବା ନିମନ୍ତେ। ଏ କଥା ଦେଖାଯିବ ଯେ ସେହି ନିର୍ଦ୍ଦିଷ୍ଟ ସମୟରେ ଉର୍ଦ୍ଧ୍ୱସ୍ଥ କିଛି ଅବତରଣ ପାଇଁ ଅପେକ୍ଷା କରିଥାଏ, ସାଧକର ଗ୍ରହଣ ନିମନ୍ତେ।

ଯଦିଓ ଏହା ପ୍ରତ୍ୟେକ ବ୍ୟକ୍ତିକୁ ତାହାର ନିଜର ସୁବିଧା ସମୟ ଉପରେ ଧ୍ୟାନ କରିବା ପାଇଁ ଛାଡ଼ି ଦିଆଯାଇଥାଏ, ଯେତେବେଳେ ସେ ବାହ୍ୟ ପରିସ୍ଥିତି ଦ୍ୱାରା ବହୁତ କମ୍ ବିଚଳିତ ହେଉଥାଏ, ତଥାପି ମଧ୍ୟ ଦିବସର କିଛି ସମୟ ଥାଏ ଯାହା ଧ୍ୟାନ କରିବା ନିମନ୍ତେ ଅନ୍ୟ ମୁହୂର୍ତ୍ତ ଅପେକ୍ଷା ଅଧିକ ଉପଯୋଗୀ ହୋଇଥାଏ। ଏହା ସର୍ବଜନବିଦିତ ଯେ ପ୍ରାତଃ ସମୟର ମୁହୂର୍ତ୍ତ ସୂର୍ଯ୍ୟୋଦୟ ପୂର୍ବରୁ ଧ୍ୟାନ ପାଇଁ ବିଶେଷ ଫଳପ୍ରଦ ହୋଇଥାଏ। ତାହାର କାରଣ, ପ୍ରକୃତିର ସକ୍ରିୟ ଶକ୍ତି ରାଜି ଜାଗୃତ ହୋଇନଥାନ୍ତି ଏବଂ ପରିବେଶରେ ଗୋଟିଏ ବିଶେଷ ଶାନ୍ତି ଅବସ୍ଥା ବିଦ୍ୟମାନ ଥାଏ। ସେହିପରି ଭାବେ ପ୍ରଦୋଷ ସମୟ, ଯେତେବେଳେ ସୂର୍ଯ୍ୟ ଅସ୍ତ ହେଉଥାନ୍ତି, ଯେଉଁ ସମୟରେ କି ପ୍ରକୃତିର କ୍ରିୟାଶୀଳ ଶକ୍ତିରାଜି ନିଶ୍ଚଳତା ମଧ୍ୟକୁ ଅପସରି ଯାଉଥାନ୍ତି। ଏ କଥା ମଧ୍ୟ ସତ୍ୟ ଯେ, ଦିବସ ଓ ରାତ୍ରିର ମିଳନ ସମୟ, ମଧ୍ୟରାତ୍ରିର ମୁହୂର୍ତ୍ତ, ଧ୍ୟାନ ନିମନ୍ତେ ଅତ୍ୟନ୍ତ ଶକ୍ତିଶାଳୀ ମୁହୂର୍ତ୍ତ ଅଟେ। ଇହୁଦୀମାନଙ୍କର ଗୋଟିଏ ପରମ୍ପରା ଗତ ଉପଦେଶ ଅଟେ ଯେ, ଏହି ମୁହୂର୍ତ୍ତଟି ଗଭୀର ପ୍ରାର୍ଥନା ନିମନ୍ତେ ଅତ୍ୟନ୍ତ ଉପଯୋଗୀ ସମୟ ଅଟେ। ସେହିପରି ଭାବେ ମଧ୍ୟାହ୍ନ ସମୟ ମଧ୍ୟ ଧ୍ୟାନ ନିମନ୍ତେ ଅତ୍ୟନ୍ତ ସହାୟକ ଅଟେ। ଏପରି ନୁହେଁ ଯେ ଏହି ମୁହୂର୍ତ୍ତଗୁଡ଼ିକରେ ଜଣେ କେବଳ ଧ୍ୟାନ କରିବ କୌଣସି ଗୋଟିଏ ବିଶେଷ ମୁହୂର୍ତ୍ତରେ ଅଥବା ସବୁଗୁଡ଼ିକରେ। ଧ୍ୟାନ ପାଇଁ ସର୍ବପ୍ରଥମେ ଅପରିହାର୍ଯ୍ୟ ଆବଶ୍ୟକତା ହେଉଛି ମନକୁ ବିକ୍ଷିପ୍ତ ନକରି ସଂପୂର୍ଣ୍ଣ ରୂପେ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ର ଉପରେ ଧାରଣ ରଖିବା। ଧ୍ୟାନ ପାଇଁ ସର୍ବ ଶ୍ରେଷ୍ଠ ସମୟ ହେଉଛି ବ୍ରାହ୍ମ ମୁହୂର୍ତ୍ତ ବା ପ୍ରତ୍ୟୁଷ। ଅନେକ ସମୟରେ ଜଣେ ଜଣେ ଧ୍ୟାନକୁ ନେଇ ଅନେକ ଜ୍ଞାନଗର୍ଭକ ଉପଦେଶ ଦେଇଥାନ୍ତି। ତେବେ ମୂଳ ଆଉ ବାସ୍ତବ କଥା ହେଉଛି ଧ୍ୟାନଟା ଏତେ ସହଜ ନୁହେଁ ଯାହାକୁ ଅନେକ ସହଜ ବୋଲି ଭାବିଥାନ୍ତି। କାରଣ ଧ୍ୟାନରେ ବସିବା ପରେ ବା ଜଣେ ନିୟମିତ ଧ୍ୟାନ କରୁଥିବା ବ୍ୟକ୍ତି ସାଧାରଣ ଜୀବନ ଯାପନର ମଣିଷ ହୋଇପାରିନଥାନ୍ତି। ସେମାନଙ୍କ ବ୍ୟକ୍ତିତ୍ୱ ଆଧ୍ୟାତ୍ମିକ ସାଧନା ଅସାଧାରଣ ହୋଇଥାଏ। ଧ୍ୟାନ କରିବା ପାଇଁ ନିଶ୍ଚିନ୍ତ ଭାବେ ଜଣେ ମାର୍ଗଦର୍ଶକ ଆବଶ୍ୟକ ପଡ଼ିଥାନ୍ତି ଯାହାଙ୍କ ତତ୍ତ୍ୱାବଧାନ ଏବଂ ଆଧ୍ୟାତ୍ମିକ ଦିଗଦର୍ଶନ ହିଁ ଧ୍ୟାନର ମୂଳ ଓ ମୁଖ୍ୟ ମାର୍ଗରେ ପହଞ୍ଚାଇ ପାରିବ। ଧ୍ୟାନର ପ୍ରଥମ ଓ ମୁଖ୍ୟ ଅବଲମ୍ବନ ହେଉଛି ମନକୁ ବିକ୍ଷିପ୍ତରୁ ବା ବିଚଳିତରୁ ମୁକ୍ତ ରଖି ଏକ ଦୃଢ଼ ଚିତ୍ତର ସହ ଏକ କେନ୍ଦ୍ର ଉପରେ ନିମଗ୍ନ ରଖିବା। ବିଚଳିତ ମନ, ଶାରୀରିକ ଅକ୍ଷମତା, ଆଳସ୍ୟ, ନିଶାଗ୍ରସ୍ତତା ବା କୋଳାହଳପୂର୍ଣ୍ଣ ପରିବେଶ ଏସବୁ ହେଉଛି ଧ୍ୟାନ ପାଇଁ ସଂପୂର୍ଣ୍ଣ ପ୍ରତିକୂଳତା। ଜଣେ କ୍ଷୁଧାତୁର ଅବସ୍ଥାରେ ଧ୍ୟାନ କରିପାରିବ ନାହିଁ କିମ୍ବା ଜଣେ ଅତ୍ୟାଧିକ ଭୋଜନ କରି ଧ୍ୟାନ ମଧ୍ୟ କରିପାରିବ ନାହିଁ। ଅନେକ କୁହନ୍ତି ଯେ ଧ୍ୟାନ ପାଇଁ ପାହାଡ଼, ପର୍ବତ, ନଦୀକୂଳ, ଘୋର ଅରଣ୍ୟ ଏସବୁ ସ୍ଥାନ ଆବଶ୍ୟକ। ଉତ୍ତର ହେଉଛି ଏହା ଆବଶ୍ୟକତା ହୋଇପାରେ କିନ୍ତୁ ଧ୍ୟାନ ପାଇଁ ଶ୍ରେଷ୍ଠ ସମୟ ହେଉଛି ବ୍ରାହ୍ମ ମୁହୂର୍ତ୍ତ। ଯେତେବେଳେ ସମ୍ପୂର୍ଣ୍ଣ ପରିବେଶ ଅତ୍ୟନ୍ତ ନିର୍ମଳ ଓ କୋଳାହଳ ଠାରୁ ଦୂରେଇବା ସହ ପ୍ରକୃତିର ଏକ ନୈସର୍ଗିକ ମୁହୂର୍ତ୍ତ ସୃଷ୍ଟି ହୋଇଥାଏ। ଜଣେ ରୁଗଣ ହୋଇଥିଲେ ବା ବିଚଳିତ ଅବସ୍ଥାରେ ଥିଲେ ସେ ଧ୍ୟାନର ଅ ଅକ୍ଷରକୁ ମଧ୍ୟ ବୁଝିବା ପାଇଁ ଅସମର୍ଥ ହୋଇଥାଏ। ଧ୍ୟାନ ପାଇଁ କୌଣସି ଅର୍ଥ ଆବଶ୍ୟକ ପଡ଼ିନଥାଏ। ଏହା ଏପରି ଏକ ସାଧନ ଜଣେ ବିନା ମୂଲ୍ୟରେ କେବଳ ନିଜ ଜୀବନକୁ ନୁହେଁ ନିଜ ପରିବାର ଓ ଆଖପାଖର ପରିଚିତ ଲୋକ ମାନଙ୍କୁ ଈଶ୍ୱରାଭିମୁଖୀ ଆନନ୍ଦ ପ୍ରାପ୍ତ ହେବା ପାଇଁ ପରିବେଶ ସୃଷ୍ଟି କରିଥାଏ। ଧ୍ୟାନ ପାଇଁ କୌଣସି ବଡ଼ ବଡ଼ ଶିକ୍ଷାକେନ୍ଦ୍ର ବା କୌଣସି ଆଡ଼ମ୍ବର ପଦାର୍ଥର ଆବଶ୍ୟକ ପଡ଼ିନଥାଏ। କେବଳ ଦୃଢ଼ ମାନସିକ ଇଚ୍ଛାଶକ୍ତି ଦ୍ୱାରା ଜଣେ ଏହାକୁ ସାଧନ କରିପାରେ। ଯାହାକି ଜଣଙ୍କ ବ୍ୟକ୍ତିତ୍ୱକୁ ଏପରି ସ୍ତରରେ ପହଞ୍ଚାଇଥାଏ ତାହା ଦିବ୍ୟାନନ୍ଦ ସଦୃଶ। ସବୁରି ମୂଳରେ ରହିଛି ଦୃଢ଼ ଇଚ୍ଛାଶକ୍ତି। ଜଣେ ଯେ କୌଣସି ମୁହୂର୍ତ୍ତଟିଏ ବାଛିଲେ ମଧ୍ୟ ସେ ସମୟରେ ଧ୍ୟାନ କରିପାରୁଥିବା ଉଚିତ। କିନ୍ତୁ ସେହିପରି କରିବା ନିମନ୍ତେ ସକ୍ଷମ ହେବାକୁ ହେଲେ ଜଣେ ଧ୍ୟାନର ଶୃଙ୍ଖଳାଟିକୁ ନିର୍ଦ୍ଦିଷ୍ଟ ସମୟରେ ପ୍ରତ୍ୟହ ଅନୁସରଣ କରୁଥିବା ଦରକାର। ଏହି ଅଭ୍ୟାସଟି କୌଣସି, କୌଣସି କ୍ଷେତ୍ରରେ ଜଣକ ମଧ୍ୟରେ ନିରନ୍ତର ଏକ ଧ୍ୟାନର ଅବସ୍ଥାକୁ ବହନ କରି ଚାଲିଥାଏ। ସେହି ସମୟରେ ନିୟମିତ ଧ୍ୟାନ ଆସନର ଆବଶ୍ୟକତା ପଡ଼ିନଥାଏ, ଯଦିଓ ଜଣେ ଏକାଗ୍ରତାର ମୁହୂର୍ତ୍ତ ପାଇଁ ସମୟ କାଢ଼ିବା ଆବଶ୍ୟକ, ନିଜର ସାଧନା ନିମନ୍ତେ ଅଥବା ଅନ୍ୟମାନଙ୍କର ପ୍ରଗତି ନିମନ୍ତେ।


ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,


# ଜଣା ପଡ଼େ ନାହିଁ ଟାଣେ ପଇସା

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୮୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାର୍ଲଡ଼ ହେଲଥ୍ ଆସେମ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ଏହି ନିଶାସେବନର ଅନ୍ୟତମ ବାହାକ ସାଜିଥିବା ତମାଖୁ ବିରୋଧରେ ପ୍ରତିବର୍ଷ ମେ ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି - 'ପିଲାମାନଙ୍କୁ ତମାଖୁ ଶିଳ୍ପ ହସ୍ତକ୍ଷେପରୁ ରକ୍ଷା କରିବା।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ। ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି। ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଂଶକା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି(୨-୨୦%)। ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ। ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି । ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି। ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି । ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା ।


ଦୂରଭାଷ : ୯୪୩୭୦୫୧୯୫୭


# ଯେଉଁଠି ଥିଲି ସେଇଠି

॥ ଅନୀତା ପଟ୍ଟନାୟକ ॥

ମୃଣାଳିନୀ ଓ ମୁଁ ଆମେ ଦୁହେଁ ପିଲାଦିନର ବନ୍ଧୁ। ମୃଣାଳିନୀ, ମନ୍ଦିର ସାଧୁସନ୍ଥ, ଅବତାରତ୍ୱ ଓ ଆତ୍ମଘୋଷିତ ବାବା ମାନଙ୍କ ଉପରେ ଗବେଷଣା କରିବାକୁ ଭାରି ଭଲ ପାଉଥିଲା। ଦୁଇଦିନ ତଳେ ମତେ ଉତ୍ତରପ୍ରଦେଶରୁ ଫୋନ ଯୋଗେ କହିଲା 'ମୀରା ତୁମେ ଟିଭି ଦେଖିଛ, ଜଣେ ଆତ୍ମଘୋଷିତ ବାବାଙ୍କର ପଦରଜ ନେବାକୁ ଯାଇ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ମଧ୍ୟରେ ଠେଲାପେଲାରେ ୧୨୨ ଜଣଙ୍କର ମୃତ୍ୟୁ ଘଟିଛି'। ମୁଁ କହିଲି ହଁ ଦେଖିଛି। ଏହା ଏକ ଅତ୍ୟନ୍ତ ଦୁଃଖଦ ଖବର। ସେ ମତେ କହିଲା ଆମେ ଅନେକଥର ମିଶି ପୁରୀ ରଥଯାତ୍ରା ବୁଲି ଯାଇଛେ। ଯଦି ସୁଯୋଗ ମିଳେ ମୁଁ ତତେ ନେଇ ପୁରୀ ରଥଯାତ୍ରା ଦେଖିବାକୁ ଯିବି। ମୁଁ କହିଲି ଭାରତର ରାଷ୍ଟ୍ରପତି ଏଥର ରଥଯାତ୍ରାକୁ ଆସୁଥିବାରୁ ଶାନ୍ତି ଶୃଙ୍ଖଳାର କଡ଼ା ବ୍ୟବସ୍ଥା କରାଯାଇଛି। ମୃଣାଳିନୀ କହିଲା, ମୁଁ ଖବର ରଖିଛି, ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିଦେବା ପରେ ଭିତରେ ଦଳଚକଟା ହୋଇଥିଲା କେତେ ଲୋକ ଆଘାତପ୍ରାପ୍ତ ହୋଇଥିଲେ ବା ମୃତ୍ୟୁ ବରଣ କରିଥିଲେ ମତେ ଜଣାଇବୁ।

ମୃଣାଳିନୀର କଥା ଶୁଣି ମୋର ଠାକୁରଘରେ ଥିବା ଜଗନ୍ନାଥଙ୍କ ଫଟୋକୁ ଚାହିଁଲି କ୍ଷଣିକ ପାଇଁ ଭାବିଲି ଏପରି କାହିଁକି ଘଟୁଛି ? ଅନ୍ତରରୁ କେହି ଜଣେ ଉତ୍ତର ଦେବା ପରି କହିଲେ 'ମୀରା ତୁମେ ଭାବିଦେଖ ତୁମେ କଣ ଥିଲ, କଣ ବର୍ତ୍ତମାନ ହୋଇଛ ଓ ଭବିଷ୍ୟତରେ କଣ ହେବ।' ହଠାତ୍ ମୋର ମନେପଡ଼ିଲା ମୋର ବାପା କିପରି ମତେ ଜଣେ ଗଣିତଜ୍ଞ କରିବାକୁ ଚାହୁଁଥିଲେ। ଏପରିକି ସେ ଜଣେ ଗଣିତ ଶିକ୍ଷକଙ୍କୁ ମୋର ଗଣିତ ଶିକ୍ଷା ପାଇଁ ପାଞ୍ଚ ହଜାର ଟଙ୍କା ଅଗ୍ରୀମ ଦେଇଥିଲେ। ମୁଁ କହିଲି ବାପା ମତେ ସାମାନ୍ୟ ହିସାବ ଆସୁନାହିଁ। ବଜାରକୁ ପଠାଇଲେ ଠିକ ଭାବରେ ହିସାବ କରି ତୁମକୁ ମୁଁ ସଠିକ ପଇସା ଫେରାଇ ପାରୁନାହିଁ। ମୋର ଦେଢ଼ଟଙ୍କା, ଅଢ଼େଇଟଙ୍କା ମଧ୍ୟରେ ଭ୍ରମ ସୃଷ୍ଟି ହେଉଛି। ଶୂନ ବସାଇବା ସମୟରେ ଆଗରେ ବସାଇବି ବା ପଛରେ ବସାଇବି ମୁଁ ଜାଣିପାରୁନାହିଁ। ଏପରି ଅବସ୍ଥାରେ ମୁଁ ଗଣିତଜ୍ଞ ହେବ କିପରି ? ବାପା କଣ ଭାବିଲେ କେଜାଣି କହିଲେ ହେଉ ତୋର ଯାହା ଇଚ୍ଛା ତାହା କର। ଓ ଗଣିତ ଶିକ୍ଷକଙ୍କ ଠାରୁ ଅଗ୍ରୀମ ପାଞ୍ଚହଜାର ଟଙ୍କା ଫେରାଇ ଆଣିଥିଲେ। ମୁଁ ଏବେ ବି ଦେଖିଛି ମୁଁ ଗଣିତରେ ଆଗରୁ ଯାହାଥିଲି ଏବେ ବି ତାହା ଅଛି।

ଭଗବାନ ସର୍ବତ୍ର ବିଦ୍ୟମାନ, ସେ ସମସ୍ତଙ୍କ ହୃଦୟରେ ବାସ କରନ୍ତି। ସମସ୍ତଙ୍କୁ ଭଲପାଅ, ସମସ୍ତଙ୍କର ସେବା କର, କାହାର ଅନିଷ୍ଟ କରନାହିଁ, ମଧୁର ସ୍ୱରରେ ବାକ୍ୟାଳପ କର। ଏ ସବୁ ଜଗନ୍ନାଥ ସଂସ୍କୃତିରୁ ଆମେ ଶିଖିଥିଲେ ମଧ୍ୟ ମୁଁ ଦେଖୁଛି ମୋର ଯେପରି ଗଣିତଜ୍ଞ ହେବା ନୋହିଲା ଓ ମୁଁ ଯେଉଁଠାରେ ଥିଲି ସେହିପରି ଅଛି। ଠିକ ସେହିପରି ପ୍ରଭୁ ଜଗନ୍ନାଥଙ୍କର ସଂସ୍କୃତି ବିଷୟରେ ଜାଣିବା ପରେ ମଧ୍ୟ ଆମେ ପରସ୍ପରକୁ ଭଲପାଇ ପାରୁନୁ। ସମସ୍ତଙ୍କ ମଧ୍ୟରେ ଭଗବାନଙ୍କୁ ଦେଖି ପାରୁନୁ କର୍କଶ ସ୍ୱରରେ ବାକ୍ୟାଳାପ କରୁଛୁ। ପରର ସେବାତ ଦୂରର କଥା ମୁଁ ଓ ମୋର କୁ ନେଇ ଜୀବନ ଅତିବାହିତ କରୁଛୁ। ତେଣୁ ମୁଁ ଯେଉଁଠି ଥିଲି ବର୍ତ୍ତମାନ ଯାହାଅଛି ଓ ଭବିଷ୍ୟତରେ ଯେ ମୋର ପରିବର୍ତ୍ତନ ହେବ ତାହା ବିଶ୍ୱାସ କରିପାରୁନାହିଁ। ମୋର ଜଗନ୍ନାଥଙ୍କ ଫଟୋରୁ ସତେ ଯେପରି ମତେ କେହି କହିବାକୁ ଲାଗିଲା, ମୀରା ତୁମେ ଭଗବାନଙ୍କର ଦୁଃଖ କ'ଣ ଜାଣିଚ ? ମୁଁ କହିଲି ନା ଦେବ ସର୍ବଦା ଆନନ୍ଦମୟ। ସେ ଦୁଃଖି ହୋଇନପାରନ୍ତି। ଏ ବିଷୟରେ ମନେ ପଡ଼େ ସିନା ଜଗନ୍ନାଥ ପ୍ରକୃତରେ କିପରି ଆମର ଆଚରଣ ଦ୍ୱାରା ଆନନ୍ଦିତ ହେବେ ତାହା ମୋର ମନେ ରହେ ନାହିଁ। ସମସ୍ତଙ୍କ ଭିତରେ ଭଗବାନ ଅଛନ୍ତି ଏହା ଆମେ ଭୁଲିଯାଇଥାଉ। ନିଜ ନିଜ ଭିତରେ ପ୍ରତିଯୋଗୀତା କରି ଶୃଙ୍ଖଳା ଭାଙ୍ଗି, ଦଳା ଚକଟା ହେଉ ଓ ମୃତ୍ୟୁ ବରଣ କରୁ ଓ ଶେଷରେ ମୋ ପ୍ରଭୁ ଜଗନ୍ନାଥଙ୍କୁ ଦୋଷାରୋପ କରୁ। ମୁଁ ଭଗବାନଙ୍କୁ ପ୍ରଶ୍ନ କଲି ଯଦି ମୁଁ ଯେଉଁଠି ଥିଲି, ତାହା ଅଛି ଓ ଭବିଷ୍ୟତରେ ତାହା ରହିବି, ଏତେ ମନ୍ଦିର, ମଠ, ସାଧୁସନ୍ଥଙ୍କ ଆଗମନ ଓ ଦଶବତାରଙ୍କ ଆଗମନ ଓ ମୋର ବନ୍ଧୁର ଏତେ ଗବେଷଣା ଏ ସବୁ କାହିଁକି ? ଜଗନ୍ନାଥ ଉତ୍ତର ରଖି କହିଲେ, ମୋର ଦୁଃଖ କଣ ଜାଣ ଜନ୍ମ ଜନ୍ମାନ୍ତରରେ ମନୁଷ୍ୟ ଜିତିଯାଏ ଓ ଖେଳରେ ମୁଁ ହିଁ ପରାଜୟ ବରଣ କରିଥାଏ। ତୋ ଜଗନ୍ନାଥ ଖେଳରେ କେବେ ବି ଜିତି ନାହାଁନ୍ତି ସବୁବେଳେ ହାରିଯାଇଛନ୍ତି। ତୁ କ'ଣ ଦେଖୁ ନାହୁଁ ମତେ ସୁଧାରିବାକୁ ଦଶ ଅବତାର ନେବାକୁ ପଡ଼ିଲା। ମନ୍ଦିର ସଦଗୁରୁ, ସାଧୁସନ୍ଥଙ୍କୁ ମଝିରେ ମଝିରେ ପ୍ରେରଣ କରିବାକୁ ପଡ଼ିଲା। ଲୋକେ ତୋର ବନ୍ଧ ମୃଣାଳିନୀ ପରି ଗବେଷଣା ଜାରି ରଖିଛନ୍ତି ଓ ରଖିବେ ମଧ୍ୟ। ମୁଁ ଗୀତାରେ କହିଛି ଯୁଗେ ଯୁଗେ ଧର୍ମର ରକ୍ଷା ପାଇଁ ଅବତାର ଗ୍ରହଣ କରିବି ହେଲେ ମୀରା ମୁଁ ହାରି ଯାଉଛି। ଲୋକେ ଯେପରି ଥିଲେ ସେପରି ଅଛନ୍ତି। ତେଣୁ ଏ ଦଳା ଚକଟା ଆଜି ନୂଆ ନୁହେଁ ଏ ମୃତ୍ୟୁ ବରଣ କରିବା କିଛି ନୂଆ ନୁହେଁ। ମତେ ଥରେ ଖେଳରେ ଜିତାଇଦେ ଲୋକଙ୍କୁ ହୃଦୟଙ୍ଗମ କରାଇଦେ ଯେ ମୁଁ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ସମସ୍ତଙ୍କୁ ପ୍ରେମ କର, ସମସ୍ତଙ୍କର ସେବାକର ଓ କାହାରି ଅନିଷ୍ଟ କରନାହିଁ। ଦେଖିଲି ମୁଁ ଫୁଲ ଜରିଆରେ ଫିଙ୍ଗିଥିବା ପାଣି ଜଗନ୍ନାଥଙ୍କ ଆଖିରୁ ଦି ଟୋପା ଲୁହ ଝରୁଥିବା ପରି ଦେଖାଗଲା।


ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୮୦୦୨୬

# ଅର୍ଥ ଲଗାଣକାରୀ ସଂସ୍ଥାର ଜୁଲମ

- କିଏ ଭିଟାମାଟି ଛାଡୁଛି ତ କିଏ ଆତ୍ମହତ୍ୟା କରୁଛି
- ତ୍ରାହିତ୍ରାହି ଡାକିଲେଣି ଗ୍ରାମବାସୀ

**ନୟାଗଡ଼,(ମହାଭାରତ) :** କିଛି ଦିନ ତଳେ ସ୍ଥାନୀୟ ବଡ଼ପଣ୍ଡୁସର ଗାଁର ଯୋଗିଆ ମଲ୍ଲିକ୍ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେହିପରି ଛଅ ମାସ ହେଲା ଏହି ଗାଁର ପ୍ରଭାସିନୀ ବେହେରା ଭୟରେ ଘର ଛାଡ଼ି ପଳାଇଛନ୍ତି। କେବଳ ସେତିକି ନୁହେଁ, ବାବାଜୀ ମଲ୍ଲିକ୍ ଘର ଓ ଜମି ସବୁ ବିକି ସାରିଥିବା ବେଳେ ରାମଚନ୍ଦ୍ରପୁର ଗାଁର ସୁମିତ୍ରା ଦାସ ଓ ନବ ଦାସ ତିନି ପିଲାଙ୍କୁ ଘରେ ଛାଡ଼ି ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ପଳାଇଛନ୍ତି। ଏମିତି ତାଲିକା ପ୍ରସ୍ତୁତ କଲେ ଏହା ବହୁତ ଲମ୍ବା ହେବ। ଏମାନେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜୁଲମ ସହିନପାରି ଏମିତି ପଦକ୍ଷେପ ନେଇଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ବର୍ତ୍ତମାନ ଏଭଳି ଜୁଲମ ବିରୋଧରେ ଏକ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବାକୁ ଯାଉଛି। ଏ ନେଇ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଜିଲ୍ଲାପାଳ ଓ ଏସ୍ ?ପିଙ୍କୁ ସାକ୍ଷାତ କରି ଏହି ସମସ୍ୟା ସମ୍ପର୍କରେ ଗୁହାରି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନୟାଗଡ଼ରେ ଏବେ ଛତୁ ଫୁଟିବା ଭଳି ଅର୍ଥ ଲଗାଣକାରୀ ସଂସ୍ଥା ନିଜ ନିଜର ଶାଖା ଖୋଲିଛନ୍ତି। ଯେଉଁ ସଂସ୍ଥା ଗୁଡ଼ିକ ମାଇକ୍ରୋ ଫାଇନାନ୍ସ ସଂସ୍ଥା ଅଧୀନରେ ଚୁକ୍ତିଭୁକ୍ତ ହୋଇଛନ୍ତି। ସ୍ଥାନୀୟ ବଜାରରେ ନିଜ ନିଜ ଶାଖାର କାର୍ଯ୍ୟାଳୟ ଖୋଲି ଗାଁରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଟାର୍ଗେଟ୍ କରୁଛନ୍ତି ଏହି ସଂସ୍ଥାର କର୍ମଚାରୀ ମାନେ ଗାଁ କୁ ଗାଁ ବୁଲି ମହିଳା ମାନଙ୍କ ସହ ଆଲୋଚନା କରୁଛନ୍ତି। ୧୦ ଜଣ କିମ୍ବା ଏହା ଠାରୁ ଅଧିକ ମହିଳା ଙ୍କୁ ଏକାଠି ହେଲେ କମ୍ ସୁଧରେ ଋଣ ପ୍ରଦାନ ଏବଂ ଏକାଧିକ ଲୋଭନୀୟ ସ୍କିମ୍ ଜରିଆରେ ଲୋକଙ୍କୁ ଫସାଉଛନ୍ତି। ମହିଳା ମାନେ ଟଙ୍କା ଲୋଭରେ ସେମାନଙ୍କ କଥାରେ ରାଜି ହୋଇଯିବା ସହ ସେମାନେ ଦେଉଥିବା ସାଧା କାଗଜରେ ଦସ୍ତଖତ କରୁଛନ୍ତି। ଏହା ପରେ ମହିଳା ମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ଆସି ଯାଉଛି। ଜଣେ ମହିଳାଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ମୋଟ୍ ୧୦ ଜଣଙ୍କୁ ତିନି ଲକ୍ଷ ଟଙ୍କା ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଛି। ଏହା ପରେ ସଂସ୍ଥା ସେତେବେଳେ ଯେତିକି ସୁଧ ନେବାକୁ ପୂର୍ବରୁ ମହିଳା ମାନଙ୍କ ସହ ଆଲୋଚନା କରିଥାଏ, ଟଙ୍କା ନେବା ପରେ ଏହା ଦୁଇ ଗୁଣାରୁ ବି ଅଧିକ ହୋଇଯାଇଥାଏ। ଫଳରେ ବର୍ଷ ବର୍ଷ ଧରି ସେମାନେ ଏହି ଟଙ୍କାକୁ ପରିଶୋଧ କରିପାରୁ ନାହାନ୍ତି। ଏହା ପରେ ସଂସ୍ଥା ପକ୍ଷରୁ ଚକ୍ରବର୍ତ୍ତୀ ସୁଧ ହିସାବରେ ଟଙ୍କା ଆଦାୟ କରାଯାଉଛି। ଟଙ୍କା ଶୁଝି ପାରୁନଥିବା ମହିଳା ମାନଙ୍କ ଘରେ ଋଣ ଟଙ୍କା ଆଦାୟ କରିବାକୁ ସଂସ୍ଥାର କର୍ମଚାରୀ ମାନେ ପହଞ୍ଚି ଜୁଲମ ଆରମ୍ଭ କରି ଦେଉଛନ୍ତି। ଟଙ୍କା ପ୍ରଦାନ ନ କଲେ ସେମାନେ ଉକ୍ତ ମହିଳା ଓ ତାଙ୍କ ପରିବାରକୁ ଗାଳି ଗୁଲଜ କରିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ବସି ରହୁଛନ୍ତି। ଗୋଟିଏ ସଂସ୍ଥାର ଜଣେ କର୍ମଚାରୀ ଋଣ ଟଙ୍କା ଆଦାୟ କରିବା ପରେ ଏହାକୁ ହଡ଼ପ କରି ନେଇଛି। ଏବେ ଏହି ଟଙ୍କାକୁ ମଧ୍ୟ ମହିଳା ମାନଙ୍କ ଠାରୁ ଆଦାୟ କରିବା ପାଇଁ କମ୍ପାନି ଜୋରଦାର ପ୍ରୟାସ ଜାରି ରଖିଛି। ଫଳରେ ଅନେକ ସମୟରେ ଏହାକୁ ନେଇ ସଂସ୍ଥାର କର୍ମଚାରୀ ମାନେ ଆକ୍ରମଣର ଶିକାର ହେଉଛନ୍ତି। ଏଣୁ ତୁରନ୍ତ ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି। ନଚେତ୍ ଏହି ଅର୍ଥ ଲଗାଣକାରୀ ସଂସ୍ଥାର ଜୁଲମ ସହିନପାରି ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେବୁ ବୋଲି ବଡ଼ପଣ୍ଡୁସର ପଞ୍ଚାୟତର ବିଭିନ୍ନ ଗାଁର ମହିଳାମାନେ କହିଛନ୍ତି।


# ସହିଦ ଦିବସ ପାଳନ ପାଇଁ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତା



**ବରୀ,(ମହାଭାରତ) :** ରକ୍ତ ତୀର୍ଥ ଭାବେ ପରିଚିତ କଳାମାଟିଆ ସହିଦ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ପ୍ରତିଯୋଗିତାରେ ସଙ୍ଗୀତ, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନରେ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉଦ୍ଘାଟନ କରିଥିଲେ।ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ଅବସର ପ୍ରାପ୍ତ ଅଧ୍ୟାପକ ଅକ୍ଷୟ ରାଏ,ଡଃ କିଶୋର କୁମାର ସାହୁ, ଅଜୟ ଜେନା, ସୁଚିସ୍ମିତା ବିଶ୍ୱାଳ, କଳିଙ୍ଗ କେଶରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଧୀନତା ଦିବସ ପୂର୍ବରୁ ଏଭଳି ଏକ ନିଆରା କାର୍ଯ୍ୟକ୍ରମରେ ସହିଦ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୀଟାଲି ପାଲିତ୍, ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ରାଉତ ଓ ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ ଦୁର୍ଯୋଧନ ରାଉତ, ସହିଦପୀଠ ଟ୍ରଷ୍ଟର ଅଜୟ ବେଉରିଆ, ପ୍ରତାପ ପରିଡା, ମହାଦେବ ମଲିକ, ରଞ୍ଜନ ପରିଡା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସ୍ତରରୁ ଆସିଥିବା ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ରହିଥିବା ଏବଂ ଉପସ୍ଥିତ ଥିବା ଶିକ୍ଷାନୁଷ୍ଠର ଶିକ୍ଷକ ଶିକ୍ଷୟତ୍ରୀ ଓ ଶିକ୍ଷାବିତ୍ ମାନେ ସହ ଯୋଗ କରିଥିବାରୁ ସହିଦ ପୀଠ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ଶୁକଦେବ ପରିଡା ମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଇଁତଲା ସହରର ଗଳିକନ୍ଦିରେ ବ୍ଲିଚିଙ୍ଗ ପାଉଡର ସିଞ୍ଚନ କରାଗଲା

**ଟିଟିଲାଗଡ,(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ସଇଁତଲା ସହରରେ ବର୍ତମାନ ଡେଙ୍ଗୁ ରୋଗୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ସତର୍କତା ଅବଲମ୍ବନ କରି ବ୍ଲକ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ କରି ସ୍ଥାନୀୟ ବଜରଙ୍ଗ ଦଳ ଶାଖା ତରଫରୁ ମାନବିକତା ଦେଖାଇ ସଇଁତଲା ସହରର ବିଭିନ୍ନ ପଡାର ଗଳିକନ୍ଦିଗୁଡିକରେ ବ୍ଲିଚିଙ୍ଗ ପାଉଡର ଝିଣ୍ଚା ଯାଇଥିବା ଦେଖିବାକୁ ମିଳିଛି । ଉକ୍ତ କାର୍ଯ୍ୟକ୍ରମ ସଭାପତି ଯୁବରାଜ ନାଏକ, ଉପସଭାପତି ରାକେଶ ସାହୁ ,ଯୁବ ସମାଜ ସେବୀ ଅଜିତ ପଟେଲ, ରୋସନ ସାହୁ , ଶୁଶିଳ ରଣା,ଅଭିଳାଷ ବୈଠାରୁ ,ଦିବ୍ୟମ ମିଶ୍ର, ପରମା ସାହୁ, ତୁଳେଶ୍ୱର ସାହୁ, ପିଣ୍ଟୁ ସାହୁ ଓ ଦେବେନ୍ଦ୍ର ରଣା ସହଯୋଗ କରିଥିଲେ।



# ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ଲଢ଼ିବା ପାଇଁ ଏବିଭିପି ସଂପୂର୍ଣ୍ଣ ପ୍ରସ୍ତୁତ

**ଅନୁଗୋଳ,(ମହାଭାରତ) :** ଓଡ଼ିଶା ରେ ଛାତ୍ର ସଂସଦ ନିର୍ବାଚନ ଗତ ୨୦୧୮ ମସିହା ଠାରୁ ବନ୍ଦ ରହିଥିବା ବେଳେ ଓଡ଼ିଶାର ନୂତନ ସରକାର ଗଠନ ହେବା ପରେ ଛାତ୍ର ନିର୍ବାଚନ ହେବା ପାଇଁ ଆଶା ଉଜ୍ଜୀବିତ ହୋଇଛି । ଯାହା ଫଳରେ ପ୍ରତ୍ୟେକ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ନିର୍ବାଚନ କୁ ନେଇ ଉତ୍କଣ୍ଠା ଦେଖିବାକୁ ମିଳିଛି । ଏହି ପରିପକ୍ଷେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଛାତ୍ର ସଂସଦ ନିର୍ବାଚନ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ବୋଲି ପ୍ରେସ ବାର୍ତ୍ତା ରେ ଏହାର ରାଷ୍ଟ୍ରୀୟ ସମ୍ପାଦକ ବୁଦ୍ଧଦେବ ବାଘ କହିଛନ୍ତି। ପ୍ରତି ଶିକ୍ଷାବର୍ଷରେ ନୂତନ ବିଦ୍ୟାର୍ଥୀ ମାନଙ୍କୁ ବିଦ୍ୟାର୍ଥୀ ପରିଷଦ ସହିତ ଯୋଡିବା ଏବଂ ରାଷ୍ଟ୍ରୀୟ ପୁନଃନିର୍ମାଣ ପାଇଁ ସଂକଳ୍ପ ବଦ୍ଧ ହୋଇ କାର୍ଯ୍ୟକରିବେ ଏବିଭିପି ପାଇଁ ପ୍ରତି ଶିକ୍ଷା ବର୍ଷରେ ସଦସ୍ୟତା ଅଭିଯାନ ଆରମ୍ଭ କରିଥାଏ । ଚଳିତ ଶିକ୍ଷା ବର୍ଷରେ ଏବିଭିପି ଓଡିଶା ଦୁଇ ଲକ୍ଷ୍ୟ ପଚାଶ ହଜାର ସଦସ୍ୟତାର ଲକ୍ଷ୍ୟ ରଖିଥିବା ବେଳେ ,ଅନୁଗୋଳ ଜିଲ୍ଲାରେ ୧୦ ହଜାର ରୁ ଉର୍ଦ୍ଧ୍ୱ ସଦସ୍ୟ ସଂଗ୍ରହ କରାଯିବା ପାଇଁ ଚେଷ୍ଟା କରାଯିବ । ବିଭିନ୍ନ ଛାତ୍ରଛାତ୍ରୀ ମାନଙ୍କୁ ଯୋଡିବା ପାଇଁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରି ସାରିଲାଣି । ସେହିପରି ଓଡ଼ିଶାରେ ଦୀର୍ଘ ୬ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିବାରୁ କ୍ୟାମ୍ପସରେ ଅନେକ ସମସ୍ୟା ରହିଛି । ରାଜ୍ୟରେ କୁଢ଼ କୁଢ଼ ଅଧାପକ ମରୁଡି ଓଡ଼ିଶାରେ କ୍ୟାମ୍ପସରେ ଶୈକ୍ଷିକ ବାତାବରଣକୁ ବିଜୁ ଛାତ୍ର ଜନତା ଦଳ ଏବଂ ଅନେକ ରାଜନୈତିକ ଦଳ ମାନେ ନଷ୍ଟ କରିବାରେ ସଫଳ ହୋଇଥିବା ରାଷ୍ଟ୍ରୀୟ ସମ୍ପାଦକ ବୁଦ୍ଧଦେବ ବାଘ କହିଛନ୍ତି । ଏବିଭିପି ପ୍ରତ୍ୟେକ କ୍ୟାମ୍ପସରେ ହେଲ୍ପ ଡେସ୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ି ସାରିଲାଣି । ବ୍ୟକ୍ତିତ୍ୱ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାର ଆବଶ୍ୟକତା ଅଛି ଏବଂ ଛାତ୍ର ସଂସଦ ନିର୍ବାଚନ ହେଲେ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନର ବାଟ ଫିଟିବ । ଆଉ ଆମେ ଦୃଢ଼ ଆଶାବାଦୀ ନୂତନ ସରକାର ଓଡିଶାରେ ଛାତ୍ର ସଂସଦ ନିର୍ବାଚନର ବାଟ ଖୋଲିବେ। ପ୍ରେସ ବାର୍ତାରେ ରାଷ୍ଟ୍ରୀୟ ସମ୍ପାଦକ ବୁଦ୍ଧଦେବ ବାଘ, ଜିଲ୍ଲା ସଂଯୋଜକ ଆଶିଷ କୁମାର ବେହେରା, ଜିଲ୍ଲା ସହ ସଂଯୋଜକ ସୁମନ ସାହୁ, ଛେଣ୍ଡିପଦା ନଗର ସମ୍ପାଦିକା ରଞ୍ଜୁବଳା ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମେଶ ବାଘ ଉପସ୍ଥିତ ଥିଲେ।



# ସରସ୍ୱତୀ ଶିଶୁ ମନ୍ଦିର କଳିଙ୍ଗନଗର, ସୋଲେଇରେ ଜ୍ଞାନ ବିଜ୍ଞାନ ମେଳା

**ଦାନଗଦୀ,(ମହାଭାରତ) :** ଶିଶୁ ମନ୍ଦିର ରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି, ମେଳା କୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ସଂକୁଳ ପ୍ରମୁଖ ରବିନାରାୟଣ ବେହେରା, ଏହି ବିଜ୍ଞାନ ମେଳା ରେ ସମୁଦାୟ ୧୨୦ ଜଣ ଛାତ୍ର ଛାତ୍ରୀ ବିଭିନ୍ନ ପ୍ରକଳ୍ପ ରେ ଭାଗ ନେଇଥିଲେ, ଚାରୋଟି ବିଭାଗ ,ସର୍ବ କନିଷ୍ଠ,କନିଷ୍ଠ ବର୍ଗ,ଶିଶୁ ବର୍ଗ, ବାଲ ବର୍ଗ ରେ ବିଚାରପତି ଭାବେ ବିଭିନ୍ନ ସରକାରୀ ବିଦ୍ୟାଳୟ ର ଶିକ୍ଷକ ମାନେ ଯୋଗ ଦେଇ ପିଲାଙ୍କୁ ପ୍ରକଳ୍ପ ସମ୍ବନ୍ଧ ରେ ପ୍ରଶ୍ନ ପଚାରି ଥିଲେ, ଉଦଯାପନ ସମାରୋହ ରେ ବ୍ଲକ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ମାନଙ୍କୁ ଦେଶ ର ଭବିଷ୍ୟତ ବୋଲି କହିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ଗୋପୀନାଥ ରାଉତ, ସଭାପତି ବଟକୃଷ୍ଣ ମହାରଣା, ପ୍ରଧାନଗୁରୁଜୀ ସୁବାଷ ଚନ୍ଦ୍ର ଦେଓ, ଗୀତାଞ୍ଜଳି ସାମନ୍ତରାୟ,ଅତିଥି ଧୂଳିଗଡ଼ ସି. ଆର. ସି. ସି. ନସୀମ ଖାଁ ଯୋଗ ଦେଇ କୃତୀ ଶିଶୁ ମାନଙ୍କୁ ପୁରସ୍କୃତ କରିଥିଲେ, ଏହି ବିଜ୍ଞାନ ମେଳା ଓ ପୁରସ୍କାର ବିତରଣ ଉତ୍ସବରେ ବିଜ୍ଞାନ ପ୍ରମୁଖ ବିଶ୍ୱଜିତ ରାଉତରାୟ, କୃଷ୍ଣଚନ୍ଦ୍ର ମାଝୀ, ମନୋରମା ସାହୁ, ଶରଣ ଗୁରୁଜୀଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମା ଙ୍କ ସହଯୋଗ ରେ ଶାନ୍ତି ଶୃଙ୍ଖଳା ର ସହ କାର୍ଯ୍ୟକ୍ରମ ଟିର ସଫଳ ରୂପାୟନ ହୋଇଥିଲା।



# ଆସିକା ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଲା

**ଆସିକା,(ମହାଭାରତ) :** ଆସିକା ଚିନିଶିଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି । ପ୍ରକାଶ ଥାଉକି ସରକାର ଚଳିତ ଶିକ୍ଷାବର୍ଷ ଠାରୁ ସରକାରୀ ଅନୁଦାନ ପ୍ରାପ୍ତ ଚିନି ଶିଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସିଦ୍ଧନଈ ବିଦ୍ୟାଳୟକୁ ବନ୍ଦ କରି ନିକଟସ୍ଥ ବିଦ୍ୟାଳୟକୁ ଛାତ୍ର ଛାତ୍ରୀଙ୍କୁ ନାମଲେଖାଇବା ସକାଶେ । କିନ୍ତୁ ସିଦ୍ଧନଈ ବିଦ୍ୟାଳୟଟି ଏକ ପାର୍ବତ୍ୟ ଅଞ୍ଚଳର ହୋଇଥିବା ଯୋଗୁଁ ସରକାର ଉକ୍ତ ବିଦ୍ୟାଳୟ ଖୋଲିବା ପାଇଁ ପୁନର୍ବାର ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଆସିକା ଚିନି ଶିଳ୍ପ ବିଦ୍ୟାଳୟକୁ କୌଣସି ନିର୍ଦ୍ଦେଶ ଆସିନଥିବା ଯୋଗୁଁ ବର୍ତମାନ ବିଦ୍ୟାଳୟ ଟି ବନ୍ଦ ହୋଇଯାଇଛି । ଏହା ବିରୁଦ୍ଧରେ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ର ଛାତ୍ରୀ, ଅଞ୍ଚଳ ବାସୀ, ଜନ ପ୍ରତିନିଧି ସ୍ଥାନୀୟ ଶିକ୍ଷାଧିକାରୀ, ଜିଲ୍ଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଏହି ଦାବୀରେ ବିଦ୍ୟାଳୟ ଟି ୧୯୮୨ ମସିହାରୁ ଚିନି ଶିଳ୍ପ ପରିସର ମଧ୍ୟରେ ଦୁଇ ଏକରରୁ ଅଧିକ ସ୍ଥାନରେ ସ୍ଥାୟୀ କୋଠା ରହିଛି । ନିୟମିତ ଛାତ୍ର ଛାତ୍ରୀ ଅଧ୍ୟୟନ କରିଆସୁହନ୍ତି ବର୍ତ୍ତମାନ ସୁଦ୍ଧା ୬୪ ଜଣ ଶିକ୍ଷାର୍ଥୀ ଶିକ୍ଷା ଗ୍ରହଣ କରିଛନ୍ତି । ଏହି ବିଦ୍ୟାଳୟ ଟି ମକୁନ୍ଦ ପୁର କିମ୍ବା ବାବନପୁର ବିଦ୍ୟାଳୟକୁ ସ୍ଥାନତରିତ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ଦୁଇଟି ବିଦ୍ୟାଳୟ କୁ ଯିବାକୁ ହେଲେ ଛାତ୍ର ଛାତ୍ରୀ ମାନେ ରାଜ୍ୟ ରାଜପଥ ଦେଇ ଯିବାକୁ ପଡିବା ଯେଉଁ ରାସ୍ତାରେ ପ୍ରତିଦିନ ଶହଶହ ଭାରି ଜାନ ଯାତାୟାତ କରୁଛି । ଏଣୁ ଏକ ନିଶ୍ଚିତ ଅଘଟଣ କୁ ଏଡେଇ ଦିଆଯାଇପାରିବନି । ଏହି ସବୁ ଦାବୀ ନେଇ ଏହି ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି । ପ୍ରଥମେ ସ୍କୁଲ ଆଗରେ ଧାରଣା, ତାପରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିଛନ୍ତି କୋମଳମତି ଶିଶୁ ଏବଂ ଅଭିଭାବକ ବୃନ୍ଦ । ବ୍ଲକ ଶିକ୍ଷା ଅଧିକାରୀ ଏହି ଧାରଣା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜିଲ୍ଲାପାଳ ରାଜ୍ୟ ସରକାରଙ୍କ ନିଷ୍ପତି ଉପରେ ଅପେକ୍ଷା କରିବାକୁ କହିଛନ୍ତି । ଅନ୍ୟପଟେ ଛାତ୍ର ଛାତ୍ରୀ ଓ ଅଭିଭାବକ ସେମାନଙ୍କ ବିଦ୍ୟାଳୟ ନଖୋଲିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି । ଯଥାଶୀଘ୍ର ରାଜ୍ୟ ଶିକ୍ଷା ବିଭାଗ ଏଥି ପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।




# ଆସିକା ସମବାୟ ଚିନିଶିଳ୍ପ କର୍ମଚାରି ସଂଘର ନୂତନ କର୍ମକର୍ତ୍ତା ଗଠନ

**ଆସିକା,(ମହାଭାରତ) :** ଆସିକା ସମବାୟ ଚିନିଶିଳ୍ପ କର୍ମଚାରି ସଂଘର ନୂତନ କର୍ମକର୍ତ୍ତା ଗଠନ। ଆଜି ଚିନିଶିଳ୍ପ ସ୍ଥିତ ଏ.ଆଇ.ଟି.ୟୁ.ସି କାର୍ଯ୍ୟାଳୟ ଠାରେ ନୂତନ କର୍ମକର୍ତ୍ତା ମନୋନିତ ହୋଇଛନ୍ତି। ସଭାପତି ଭାବେ ରାମକୃଷ୍ଣ ପଣ୍ଡା, ଉପଦେଷ୍ଟା ବିଦେସି ନାହାକ (ଆଇନଯିବା), ଉପସଭାପତି ଅନ୍ତର୍ଯ୍ୟାମି ନାହାକ, ଅନ୍ୟତମ ଉପସଭାପତି ପ୍ରଦୀପ ସେଠୀ, ସାଧାରଣ ସମ୍ପାଦକ ନାଗେଶ୍ୱର ରାଓ ଓ ଯୁଗ୍ମ ସମ୍ପାଦକ ହୁରଜ ଗୌଡ଼, କୋଷାଧକ୍ଷ କୌଳାଶ ଚନ୍ଦ୍ର ପଟ୍ଟନାୟକ ସହ ୬ ଟି କାର୍ଯ୍ୟକାରୀଣି କମିଟି ଗଠନ କରାଯାଇଥିଲା। ପ୍ରକାଶଥାଉକି ଏହି ସଂଘର ୧୫ ଜଣ କର୍ମକର୍ତ୍ତା ଗତ ୨୪.୦୭.୨୦୨୪ ରିଖ ନିର୍ବାଚିତ ହୋଇଥିଲା। ଏହି ସଂଘର ମୋଟ ୨୮୫ ଶ୍ରମିକ ଭୋଟର ଭାବେ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ନୂତନ କର୍ମକର୍ତ୍ତା ମାନଙ୍କୁ ଆଜି ଶ୍ରମିକ ମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ସ୍ଥାନୀୟ ବିଧାୟକ ଓ ସାଂସଦ ନୂତନ କର୍ମକର୍ତ୍ତା ସହ ବହୁ ଶ୍ରମିକ ସଂଘ ସ୍ୱାଗତ ଜଣାଇଛନ୍ତି।

# ଅନୁସୂଚିତ ଜନ ଜାତି ଲୋକପ୍ରତିନିଧିଙ୍କ ଦକ୍ଷତା ବିକାଶ ପାଇଁ ତାଲିମ ଶିବିର



**କରଞ୍ଜିଆ ,(ମହାଭାରତ) :** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ୯ ଟି ଗ୍ରାମ ପଞ୍ଚାୟତର ନବ ନିର୍ବାଚିତ ଅନୁସୂଚିତ ଜନଜାତି ଲୋକ ପ୍ରତିନିଧିଙ୍କ ଦିନିକିଆ ତାଲିମ କର୍ମଶାଳା ୩୦ ତାରିଖରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ସଭା ଗୃହରେ ଆୟୋଜିତ ଏହି ତାଲିମ ଶିବିରରେ ଏସଟି ଜିଲ୍ଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ସଦସ୍ୟ ସଦସ୍ୟା ଏବଂ ୱାର୍ଡ ସଭ୍ୟ ସଭ୍ୟା ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ତାଲିମ ଶିବିରରେ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ବ୍ଲକ ଉପାଧକ୍ଷ ସନ୍ତୋଷ ମହାନ୍ତ, ସହକାରୀ କୃଷି ଅଧିକାରୀ ବାରିଆଲ କିସ୍କୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତାଲିମଦାତା ଭାବେ ରଞ୍ଜିତ ପଣ୍ଡା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ , ବେଳେ ବ୍ଲକ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ମୋରମ ଗାଡ଼ ଖୋଳି ଅକାଳରେ ଗଲାଣି ତିନି ଶିଶୁଙ୍କର ପ୍ରାଣ

**ହାଟଡିହି,(ମହାଭାରତ) :** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ପଢ଼ିଆରୀପଲ୍ଲୀ ପଞ୍ଚାୟତ ଆତୁରିକଣା ଗ୍ରାମ ଡାହିସାହିରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି । ଏକ ମୋରମ ଗାଡ଼ିଆ ପାଣିରେ ତିନି ଜଣ ଶିଶୁ କନ୍ୟା ବୁଡି ପ୍ରାଣ ହରାଇଛନ୍ତି । ଦୀନବନ୍ଧୁ ପାତ୍ରଙ୍କ ଝିଅ ଭାରତୀ(୪ ବର୍ଷ), ଗୌରାଙ୍ଗ ପାତ୍ରଙ୍କ ଝିଅ ପାୟଲ(୩ ବର୍ଷ ୫ ମା), କୋଦଣ୍ଡ ପାତ୍ରଙ୍କ ଝିଅ ଲିପ୍ସା (୩ ବର୍ଷ ୭ ମାସ) ନିଜ ଘର ପାଖରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଘରେ ଚାଲିଥିବା ଆମ କଳିକା କେନ୍ଦ୍ର ଆଡେ ବୁଲିବାକୁ ଯାଇଥିଲେ । କେନ୍ଦ୍ର ନିକଟରେ ଜଣେ ବ୍ୟକ୍ତିଙ୍କ ଏକ ମୋରମ ଗାଡ଼ିଆ ଅଛି । ସମ୍ପୃକ୍ତ ବ୍ୟକ୍ତିଙ୍କ ଜମିରୁ ପୂର୍ବରୁ ମୋରମ ଖୋଳା ଯାଇଥିବାରୁ ଉକ୍ତ ଗାଡ଼ିଆ (ଖାଲ) ସୃଷ୍ଟି ହୋଇଥିଲା । ଉକ୍ତ ଗାଡ଼ିଆରେ ପାଣି ଜମିରହିଥିଲା । ଗାଡ଼ିଆ ନିକଟରେ ଖେଳୁଥିବା ବେଳେ ତିନି ଜଣ ଯାକ ଶିଶୁ କନ୍ୟା ଗାଡ଼ିଆ ଭିତରକୁ ଖସିପଡ଼ି ପାଣିରେ ବୁଡି ମୃତ୍ୟୁ ବରଣ କରିଥିଲେ । ସେଠାରେ ଥିବା ଲୋକ ମାନେ ଜାଣିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ସୋସୋ ଥାନା ପୋଲିସ ଖବର ପାଇ ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି । ହାଟଡିହି ତହସିଲଦାର ହାବିଲ ଖାଖା, ଟାଇଲଡ ଲାଇନ ସଦସ୍ୟ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ହାଟଡିହି ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ ପରେ ବ୍ଲକ କର୍ମଚାରୀ ମଧ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି । ତହସିଲଦାର ଖାଖା କହିଛନ୍ତି ତିନି ଶିଶୁଙ୍କ ମଧ୍ୟରୁ ଦୁଇ ଜଣ ଶିଶୁ ନିୟମ ଅନୁସାରେ ତିନି ବର୍ଷ ପରେ ଆମ କଳିକା କେନ୍ଦ୍ରରୁ ପଳାଇଛନ୍ତି । ମୋରମ ଖୋଳା ଯାଇଥିବାରୁ ଗାଡ଼ିଆରେ ପାଣି ଜମିଥିଲା । ସେହି ଗାଡ଼ିଆ ପାଣିରେ ବୁଡି ତିନି ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି । ଉକ୍ତ ମୋରମ ଗାଡ଼ିଆ ଜଣେ ବ୍ୟକ୍ତିଙ୍କ ପଟ୍ଟା ଭୁକ୍ତ ଜମି ଅଟେ । ମୋରମ ଖୋଳିଥିବା ଜମି ମାଲିକ ଉପରେ ଖଣି ବିଭାଗ ଯାହା ପଦକ୍ଷେପ ନେବେ। ମୃତକଙ୍କ ପରିବାରକୁ ଅଦ୍ୟାବଧି କୌଣସି ସରକାରୀ ସହାୟତା ଦିଆଯାଇନି । ଖୁବ ଶୀଘ୍ର ୪ ଲକ୍ଷ୍ୟ ଟଙ୍କା କ୍ଷତି ପୂରଣ ବାବଦରେ ପ୍ରଦାନ କରାଯିବ । ସ୍ଥାନୀୟ ସରପଞ୍ଚ ଅଜିତ ରାଉତ କହିଛନ୍ତି ଯେ ମୋରମ ଖୋଳାଯିବା ଫଳରେ ବଡ଼ ବଡ଼ ଗାଡ଼ିଆ ସୃଷ୍ଟି ହୋଇ ପାଣି ଜମି ରହିଥିଲା । ସେଠାରେ ବୁଡି ତିନି ଜଣ ଶିଶୁ କନ୍ୟା ପ୍ରାଣ ହରାଇଛନ୍ତି । ଏଠାକାର ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ମୋରମ ଖୋଳା ଯାଇ ଚୋରା ଚାଲାଣ ହେଉଥିବା ଫଳରେ ବହୁ ସଂଖ୍ୟାରେ ବଡ଼ ବଡ଼ ଗାଡ଼ିଆ ସୃଷ୍ଟି ହୋଇଛି । ଫଳରେ ଅଘଟଣ ଘଟୁଛି । ଏଥିପ୍ରତି ଖଣି ବିଭାଗ ପଦକ୍ଷେପ ନେବା ଉଚିତ । ପୋଲିସ ଯୁଡ଼ି କେସ ନଂ ୧୭,୧୮,୧୯/୨୦୨୪ ରେ ତିନୋଟି ମାମଲା ରୁଜୁ କରିଛି କ୍ଷ ତଦନ୍ତକାରୀ ଅଧିକାରୀ ନରସିଂହ ତନ୍ତୀ କହିଛନ୍ତି ମୋରମ ଗାଡ଼ିଆ ପାଣିରେ ବୁଡି ତିନି ଜଣ ଶିଶୁ କନ୍ୟା ମୃତ୍ୟୁ ବରଣ କରିଛନ୍ତି। ମୋରମ ଖୋଳିଥିବା ବ୍ୟକ୍ତି ଏବଂ ଖୋଳା ଯାଇଥିବା ଜମି ବାବଦରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



## ମରଣଯନ୍ତା ପାଲଟିଛି ସମରା ଧବଳେଶ୍ୱର ବାବା ଶୈବପୀଠକୁ ଯିବା ରାସ୍ତା



ଟିଟିଲାଗଡ଼ ( ମହାଭାରତ) ବଲାଙ୍ଗିର ଜିଲ୍ଲା ର ସଇଁନ୍ତଲା ବ୍ଲକ ଅନ୍ତର୍ଗତ କେରମେଲି ପଞ୍ଚାୟତ ସମରା ଗ୍ରାମର ଧବଳେଶ୍ୱର ବାବାଙ୍କ ଶୈବପିଠ କୁ ଯିବା ପାଇଁ ରାସ୍ତା ନାହିଁ ନ ଥିବା ପରିପରିସ୍ଥିତିରେ ସୂଚନା ଏହିଞ୍ଜକି ଯେ ସମରା ଧବଳେଶ୍ୱର ଶୈବପିଠ ରୁ ପାଞ୍ଚଶହ ମିଟର ପର୍ଯ୍ୟନ୍ତ ବର୍ଷା। ପାଣି ହେଲେ ବହୁତ କାଦୁଅରାସ୍ତା ରହିଥିବା ବେଳେ ସାଇକେଲ ରେ ଚଳିବା ତୋ ଦୂରର କଥା ସାଧାରଣ ମଣିଷ ଟିଏ ବି ଚଳି କି ଯିବାଆସିବା ମଧ କରି ହଉନାହିଁ। ତେବେ ଏହି ରାସ୍ତା ଦେଇ ଅନେକ ଆଖପାଖ ଲୋକମାନେ ମଧ ସମରା ଶିବମନ୍ଦିର କୁ ଭକ୍ତ ମାନେ ଜଳାଭିଷେକ ବା ପୂଜା ଅର୍ଚ୍ଚନା କରିବା ସହ ହଜାର ହଜାର ବୋଲବମ ଭକ୍ତ ମାନେ ଯିବା ଆସିବା କରିଥାନ୍ତି ଯଦି ଏହି ପରି ବର୍ଷା ପାଣି ରେ ରାସ୍ତା କାଦୁଅ ଅବସ୍ଥା ରେ ପଡିରୁହେ ତ ଲୋକ ମାନେ କେମିତି ଯିବା ଆସିବା କରିବେ..ତେବେ ସମରା ଧବଳେଶ୍ୱର ବାବା ଙ୍କ ଶୈବପିଠ ରୂପାନ୍ତର ହୋଇପାରିଛି। କିନ୍ତୁ ଯଉଁ ବାଟରେ ଲୋକେ ପୂଜା ଅର୍ଚ୍ଚନା କରିବା ପାଇଁ ଯିବା ଆସିବା କରନ୍ତି ସେହି ରାସ୍ତା ଏବେ ଯାଏ ଅରୁପାନ୍ତର ବା ରାସ୍ତା ଠିକ ହୋଇ ପାରିଲା ନାହିଁ.. ତେବେ ଏଠାରେ ପ୍ରଶ୍ନ ଉଠୁଛି। କେରମେଲି ପଞ୍ଚାୟତ ର ସରପଞ୍ଚ ଅଶୋକ କୁମାର ସାହୁ କରୁଛନ୍ତି କଣ ? ଏତେ ଦିନ ପର୍ଯ୍ୟନ୍ତ ଚୁପ କାହିଁକି କେରମେଲି ପଞ୍ଚାୟତ ସରପଞ୍ଚ ,ତେବେ ଉକ୍ତ ରାସ୍ତା ପାଇଁ ଜନସାଧାରଣ ଜଣାଇଲେ ସୁଦ୍ଧା କୌଣସିପ୍ରକାର ସମାଧାନ ହୋଇପାରି ନାହିଁ , ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ ସମରା ଧବଳେଶ୍ୱର ବାବା ଙ୍କ ରାସ୍ତା ଉପରେ କେବେ ଦୃଷ୍ଟି ପକାଉଛି।

## ଦଶମ ଶ୍ରେଣୀ ଛାତ୍ରଙ୍କ କଟୁରୀ ଚୋଟରେ ନବମ ଶ୍ରେଣୀ ଛାତ୍ର ଆହତ

ଅନୁଗୋଳ,(ମହାଭାରତ ): ଦଶମ ଶ୍ରେଣୀ ଛାତ୍ରଙ୍କ କଟୁରି ଚୋଟରେ ନବମ ଶ୍ରେଣୀ ଛାତ୍ର ଆହତ । ସ୍କୁଲ ଛୁଟି ବେଳେ ଏଭଳି ଘଟଣା ଘଟିଥିବା ବେଳେ ସାଇକେଲ ଷ୍ଟାଣ୍ଡରେ ସାଇକେଲ ରଖିବାକୁ ନେଇ ଏଭଳି ଘଟଣା ଘଟିଥିବା ଜଣା ପଡ଼ିଛି । ସୂଚନା ଅନୁସାରେ ଅନୁଗୁଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଧାରମଣପଡା ଅଞ୍ଚଳ ର ଜଣେ ନବମ ଶ୍ରେଣୀର ଛାତ୍ର ଓ ହାତିଶାଳପଡା ଅଞ୍ଚଳର ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କ ମଧରେ କିଛିଦିନ ପୂର୍ବରୁ ସାଇକେଲ ଷ୍ଟାଣ୍ଡରେ ସାଇକେଲ ରଖିବାକୁ ନେଇ ଝଗଡା ହୋଇଥିଲା। ତେବେ ସୋମବାର ଅପରାହ୍ନରେ ସ୍କୁଲ ଛୁଟି ହେବା ପରେ ପରେ ସ୍କୁଲ ଫାଟକ ଆଗରେ ନବମ ଶ୍ରେଣୀ ଛାତ୍ର ଜଣଙ୍କ ଘରକୁ ଯାଉଥିବା ବେଳେ ତାଙ୍କୁ ହଠାତ ଏକ ମାଂସ କଟା କଟୁରିରେ ଦଶମ ଶ୍ରେଣୀ ଛାତ୍ର ଜଣଙ୍କ ଆକ୍ରମଣ କରିଥିଲେ । ମୁଣ୍ଡରେ କଟୁରି ଚୋଟ ବାଜିବା ଫଳରେ ନବମ ଶ୍ରେଣୀ ଛାତ୍ର ଜଣଙ୍କ ତଳେ ପଡି ଯିବାରୁ ଆକ୍ରମଣକାରୀ ଛାତ୍ର ଜଣଙ୍କ ଦୌଡ଼ି ପଳାଇଥିଲେ । ସ୍କୁଲର ଅନ୍ୟ ଛାତ୍ର ମାନେ ଗୁରୁତର ଅବସ୍ଥାରେ ନବମ ଶ୍ରେଣୀ ଛାତ୍ରଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଖବର ପାଇ ପରିବାର ଲୋକ ଡାକ୍ତରଖାନାରେ ପହଂଚିବା ସହ ଚିକିତ୍ସା ପରେ ଅନୁଗୋଳ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏଭି ଘଟଣା ସହରରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏହି ଘଟଣା ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହିତ ଆଲୋଚନା କରିଥିବା ଜଣା ପଡିଛି । ଆହତ ଛାତ୍ରଙ୍କୁ ବିନା ମୂଲ୍ୟରେ ସର୍ବଶ୍ରେଷ୍ଠ ଚିକିତ୍ସା ଯୋଗାଇ ଦେଇ ତାର ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଅନୁଗୋଳ ବିଧାୟକ ଆହତ ଛାତ୍ରଙ୍କ ପରିବାର ବର୍ଗଙ୍କ ସହିତ ଆଲୋଚନା କରିଛନ୍ତି । ଛାତ୍ରଙ୍କ ଚିକିତ୍ସା ପାଇଁ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ନିମାଣି ଗାଁ ଦେଇ ଖୁଣ୍ଟୁପଡ଼ାକୁ ସଂଯୋଗ କରୁଥିବା ରାସ୍ତା ପାଲଟିଛି ମରଣଯନ୍ତା

ଭାପୁର, ( ମହାଭାରତ ) : ଜୀବନ ନେବା ପାଇଁ ରାସ୍ତାରେ ଜଗି ବସିଛି ଯମୟ ସେପଟେ ଲୋକଙ୍କ ପାଇଁ ରାସ୍ତା ପାଲଟିଛି ମୃତ୍ୟୁର ବାଟ। ରାସ୍ତା ସାରା ଏମିତି ଖାଲ ଢିପ, ଟିକେ ଏପଟ ସେପଟ ହେଲେ, କଥା ସରିଲାୟ ଏହା ନୟାଗଡ଼ ଭାପୁର ବ୍ଲକରେ କିଭଳି ହୋଇଛି ବିକାଶ ହୋଇଛି ତାହାର ବିକଳ ଚିତ୍ର। ଆଉ ଏହା ପ୍ରମାଣ ଦେଉଛି ବିକାଶର ବିକଳ ଚିତ୍ର। ଏହି ରାସ୍ତାରେ ଗାଡ଼ି ଯିବାତ ଦୂର କଥା ମଣିଷ ଏବଂ ପଶୁ ଚଳିକି ଯିବା ମୁସ୍କିଲୟ ରାସ୍ତା ନୁହେଁ ତ ଏହା ଲୋକଙ୍କ ପାଇଁ ପାଲଟିଛି ମରଣଯନ୍ତା। ରାସ୍ତା ସାରା ଖାଲଖମା ରେ ଭର୍ତ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲ କଲେଜ ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ଯିବା ବେଳେ ଖାଲରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ନିର୍ମାଣ ବିଭାଗର ଅବହେଳା ପାଇଁ ବର୍ଷ ବର୍ଷ ଧରି ଏହି ରାସ୍ତାରେ ଯାତାୟାତ କରୁଥିବା ଗୋଳା ପୋଖରୀ, ଚକ୍ରଧର ପ୍ରସାଦ, ନିମାଣି, କାଳୀକା ପ୍ରସାଦ, ବାଦଭୁଇଁ, ଗୋପାଳ ପ୍ରସାଦ ଏବଂ ବଡସହରା, ଖୁଣ୍ଟୁପଡା ଗାଁ ହଜାର ହଜାର ଲୋକ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଯେ ନିକଟରେ ଏକ ବଡ କ୍ରାସର ରହିଛି। ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ହାଇୱା ଟ୍ରକ୍ ଗାଡ଼ି ଯାତାୟାତ କରୁଛି।ଏହା ସହ ଯାତ୍ରୀବାହି ବସ୍, ସ୍କୁଲ ବସ୍, ଅଟୋ, ଟ୍ରକ୍, ଟ୍ରାକ୍ଟର, କାର୍, ମଟର ସାଇକେଲ ଏବଂ ଭାରିଯାନ ଯିବା ଫଳରେ ରାସ୍ତା ନଷ୍ଟ ହେଉଛି। ସେପଟେ ୩ ବର୍ଷ ତଳେ ଏହି ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨ କୋଟି ୧୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ରାସ୍ତା ନିର୍ମାଣ ଦିଗରେ କେହି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ଏଭଳି ସମସ୍ୟାରେ ୫ ଟି ପଞ୍ଚାୟତର ଲୋକମାନେ ଯାତାୟାତ କରୁଥିବା ବେଳେ ରାସ୍ତା ସମସ୍ୟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। କେବେ ସରିବ ଭାପୁର ବ୍ଲକ ରୁ ନିମାଣି ଗାଁ ଦେଇ ଖୁଣ୍ଟୁପଡ଼ାକୁ ସଂଯୋଗ କରୁଥିବା ଏହି ଆଠ କିଲୋମିଟର ରାସ୍ତା। ତାକୁ ନେଇ ଉଠିଛି ପ୍ରଶ୍ନୟ ଏହି ଆଠ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୨ କୋଟି ୧୧ ଲକ୍ଷ ୯୫ ହଜାର ଟଙ୍କା ମଞ୍ଜୁର ହୋଇଛି। ୨୦୨୨ ମସିହାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିବା ବେଳେ ୧୦ ମାସ ମଧ୍ୟରେ କାମ ଶେଷ ପାଇଁ ନିର୍ଦ୍ଦେଶ ରହିଛି। ଏଥିସହ ରାସ୍ତା ରକ୍ଷଣବେକ୍ଷଣ ପାଇଁ ୧୪ ଲକ୍ଷ ୮୩ ହଜାର ୫୬୬ ଟଙ୍କା ମଞ୍ଜୁର ହୋଇଛି। ହେଲେ ଅବଧି ସମୟ ଶେଷ ପରେ ମଧ୍ୟ ରାସ୍ତା ନିର୍ମାଣ କାମ ଅଧାପନ୍ତରିଆ ହୋଇ ପଡି ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ କିନ୍ତୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ କୁହାଯାଇଛି ଏହି ଆଠ କିଲୋମିଟର ରାସ୍ତା ଉଭୟ ପଟୁ ପିଚୁ କାମ ଆରମ୍ଭ ହୋଇଛି। ଏଥିପାଇଁ ଠିକାଦାର ୧ କୋଟି ୭୦ ଲକ୍ଷ ଟଙ୍କା ନେଇ ସାରିଛ। ବାକି ନିମାଣି ଗାଁ ଠାରୁ କାଳିକା ପ୍ରସାଦ ଗାଁ ପର୍ଯ୍ୟନ୍ତ ୧୭ ଶହ ୧୦ ମିଟର ରାସ୍ତା ନିର୍ମାଣ କାମ ତ୍ରୁଟିପୂର୍ଣ୍ଣ ଇଷ୍ଟିମେଣ୍ଟ ପାଇଁ କାମ ଦୁଇ ବର୍ଷ ହେଲା ବନ୍ଦ ରହିଛି। ହଠାତ୍ ନିମାଣି ଗାଁ ନିକଟରେ ପଥର ଖଣି ଏବଂ ଏକ ବଡ କ୍ରସର ୟୁନିଟ ଗଢ଼ି ଉଠିବାରୁ ସେଠାରୁ ପ୍ରତିଦିନ ଶହ ଶହ ଭରିଯାନ ହାଇୱା ଟ୍ରକ୍ ଗାଡ଼ି ଏହି ରାସ୍ତା ଉପରେ ଯାତାୟାତ କରୁଛି। ରାସ୍ତା ର କାମ ମଞ୍ଜୁର ହେବାର ଆବଶ୍ୟକ ରହିଛ। ତେଣୁ ସାନି ଇଷ୍ଟିମେଣ୍ଟ ପାଇଁ ଦୁଇ ବର୍ଷ ହେଲା ଚିଫ୍ ଇଞ୍ଜିନିୟରିଂ ଙ୍କ ପାଖରେ ଫାଇଲ୍ ପଡି ରହିଛି। ନିର୍ଦ୍ଦେଶ ମିଳିଲେ ରାସ୍ତା ନିର୍ମାଣ କାମ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ଆଶ୍ୱସନା ଦିଆଯାଇଛ। ସେପଟେ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ନିମାଣି ଗାଁ ଠାରୁ ବଡ ସହରା ଜାମୁସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉ ନଥିବାରୁ ରାସ୍ତା ଅବରୋଧ ପାଇଁ ଚେତାବନୀ ଦେଇଛନ୍ତି ନିମାଣି ସରପଞ୍ଚ। ଦୀର୍ଘ ଦିନ ହେଲା ମରଣଯନ୍ତା ପାଲଟିଥିବା ଏହି ରାସ୍ତାଟି। ନିମାଣି ପଞ୍ଚାୟତ ବାସୀଙ୍କ ପାଇଁ ଖଣ୍ଡପଡା ଏବଂ ଭାପୁର ବ୍ଲକକୁ ଯୋଗାଯୋଗର ପ୍ରମୁଖ ମାଧ୍ୟମ ହୋଇଥିବା ବେଳେ ରାସ୍ତା ନିର୍ମାଣ ଦିଗରେ ଜିଲ୍ଲା ପ୍ରଶାସନର ନିରବତା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।



## ପଞ୍ଚାୟତ ମଣ୍ଡପ ଭିତ୍ତିପ୍ରସ୍ତରକୁ ୩ ବର୍ଷ ପୂରିଲା, ସରୁନି ନିର୍ମାଣ

ପାଣିକୋଇଲି(ମହାଭାରତ): ପଞ୍ଚାୟତ ମଣ୍ଡପ ଭିଭିପ୍ରସ୍ତରକୁ ୩ ବର୍ଷ ପୂରିଲ ରିଲା, ସରୁନି ନିର୍ମାଣ ପାଣିକୋଇଲି, ଦୀର୍ଘ ବର୍ଷ ହେବ ମଣ୍ଡପର ଭିତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ତାହା ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରି ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର କଲ୍ୟାଣ ମଣ୍ଡପ ନିର୍ମାଣ କ୍ଷେତ୍ରରେ।ସୂଚନା ଅନୁଯାୟୀ; ପଥରପଦା ପଞ୍ଚାୟତର ନେକୁରାଶୁଣି ମନ୍ଦିର ନିକଟରେ ଗତ ୨୦୨୧ ଅଗଷ୍ଟ ୪ରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ ପଞ୍ଚାୟତ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ କୋରେଇର ପୂର୍ବତନ ବିଧାୟକ ଅଶୋକ କୁମାର ବଳ, ପୂର୍ବତନ କୋରେଇ ବିଡିଓ, ଜିଲା ପରିଷଦ ସଭ୍ୟ ଧରଣୀଧରଘଡ଼ାଇ, ପଥରପଦା ସରପଞ୍ଚ ପ୍ରକାଶ ଚନ୍ଦ୍ର ମଲ୍ଲିକ ଏବଂ ସମିତି ସଭ୍ୟ ପାର୍ବତୀ ବେହେରା ଭିତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଇତିମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ ଉକ୍ତ କଲ୍ୟାଣ ମଣ୍ଡପ ଅଧାପନ୍ତରିଆ ଭାବେ ପଡ଼ିରହିଛି। କଲ୍ୟାଣ ମଣ୍ଡପର କେବଳ ଛାତ ପଡ଼ିଥିବା ବେଳେ ଆଉ କାମ ଆଗଉନାହିଁ। ଅନ୍ୟପଟେ ଭିତିପ୍ରସ୍ତର ସ୍ଥାପନ ସମୟରେଲଗାଯାଇଥିବା ସୂଚନା ଫଳକରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବ୍ୟୟବରାଦର ପରିମାଣ, କାର୍ଯ୍ୟାରମ୍ଭ ତଥା କାର୍ଯ୍ୟ ଶେଷ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଫଳରେ ପଥରପଦା ପଞ୍ଚାୟତ ଜନସାଧାରଣ ଏହି ମଣ୍ଡପ ନିର୍ମାଣ ସମ୍ପର୍କରେ କୌଣସି ସୂଚନା ପାଇପାରୁ ନାହାନ୍ତି। ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଲୋକଙ୍କ ଉପକାର ପାଇଁ ନିର୍ମାଣ ହେଉଥିବା ଏହି କଲ୍ୟାଣ ମଣ୍ଡପ ଏବେ ଭୂତକୋଠିରେ ପରିଣତ ହେଲାଣି। ଏଣୁ ଯଥାଶୀଘ୍ର ସ୍ଥାନୀୟ ଜନପ୍ରତିନିଧିଙ୍କ ସହ କୋରେଇର ବର୍ତ୍ତମାନ ବିଧାୟକ ଆକାଶ ଦାସ ନାୟକ ଏବଂ ପ୍ରଶାସନିକ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।



## କୁଶପଲ୍ଲୀରୁ ୧୨ଟି ଗୋରୁ ଉଦ୍ଧାର

ବେଗୁନିଆ,,(ମହାଭାରତ) : ବେଗୁନିଆ ଥାନା ଅଞ୍ଚଳରେ ଗୋ ମାଫିଆମାନେ ଏବେ ବି ସକ୍ରିୟ ଅଛନ୍ତି। କୁଶପଲ୍ଲୀ, ପାରିକ୍ଷେତା, ଜାମୁସାହି, କଡ଼ବ ଆଦି ଗ୍ରାମରୁ କଲକାତା, ଆନ୍ଧ୍ର ଆଦି ରାଜ୍ୟକୁ ଗୋଚାଲାଣ ହେଉଛ। ବେଗୁନିଆ ଥାନା କୁଶପଲ୍ଲୀରୁ ଗୋଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲେ ମଧ ପୁଲିସ ଚାଲାଣକାରୀଙ୍କ ଟେର ପାଉନିୟ ହେଲେ ରବିବାର ଭୋରରେ ପିକଅପ ଭ୍ୟାନରେ ଗୋରୁ ଭର୍ତ୍ତି ହୋଇ ଚାଲାଣ ହେଉଥିବାବେଳେ ୧୨ଟି ଗୋରୁ ଉଦ୍ଧାର କରାଯାଇଛି।

## ଆଧାତ୍ମିକତା ସହିତ ବ୍ୟାପାରରେ ସଫଳତା ସମ୍ପର୍କିତ ଆଲୋଚନାଚକ୍ର

କେନ୍ଦୁଝରଗଡ଼ :ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦୁଝର ଶାଖା ପକ୍ଷରୁ ଆଧାତ୍ମିକତା ସହିତ ବ୍ୟାପାରର ସଫଳତା ଶୀର୍ଷକ ଏକ ଆଲୋଚନାଚକ୍ର ସୋମବାର ସନ୍ଧ୍ୟାରେ କେନ୍ଦୁଝର ସେବାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର କୋହ୍ଲାପୁରର ବିଶିଷ୍ଟ ପ୍ରେରକବକ୍ତା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. ରଶ୍ମି ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟବସାୟରେ ସଫଳତା ପାଇବା ପାଇଁ ହେଲେ ସନ୍ତୁଷ୍ଟି ରହିବାର ଆବଶ୍ୟକତା ଓ ୪ଟି ସ୍ତମ୍ଭ ଉପରେ ଆଲୋଚନା କରି ଆଧାତ୍ମିକତାର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ପୁନେରୁ ଆସିଥିବା ରାଜଯୋଗିନୀ ବ୍ରହ୍ମାକୁମାରୀ ଭାଗ୍ୟଶ୍ରୀ ରାଜଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିବା ସହିତ ରାଜଯୋଗର ଅତି ସହଜ ଅଭ୍ୟାସ କରାଇଥିଲେ। କଟକରୁ ଆସିଥିବା ରାଜଯୋଗିନୀ ବ୍ରହ୍ମାକୁମାରୀ ଗୀତାଞ୍ଜଳୀ 'କର୍ମର ଗହନ ଗତି' ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧଦରାଜ ଏଚ.ଡି ମୁଖ୍ୟବକ୍ତା ଭାବେ ଯୋଗଦେଇ ନିୟମିତ ରାଜଯୋଗର ଅଭ୍ୟାସ ଦ୍ୱାରା ହାଲୁକା ଅନୁଭବ କରିବା ସହିତ ଆତ୍ମାରୂପୀ ବ୍ୟାଟେରୀକୁ କିଭଳି ଚାର୍ଜ କରିହେବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଲଡିଏମ୍ ରବି ନାରାୟଣ ମହାଳିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟବସାୟ ତଥା ବ୍ୟକ୍ତିଗତ ଜୀବନରେ ସଫଳତା ପାଇବାକୁ ହେଲେ ଆଧାତ୍ମିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କେନ୍ଦୁଝର ଶାଖା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ ଅବସରରେ ଏହି ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ମୁକୁନା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ଜୟନ୍ତୀ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର କୁଳମଣୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ସହାୟତା ଅପେକ୍ଷାରେ ଦିବ୍ୟାଙ୍ଗ ମଙ୍ଗୁଳି



ପାଣିକୋଇଲି,(ମହାଭର୍ତ): : ଅର୍ଥ ସାଜିଛି ବାଧକ। ଭିନ୍ନକ୍ଷମ ଯୋଗୁଁ ପରିବାର ଚଳାଇବାରେ କଷ୍ଟ ହେଉଛି। ମାସିକ ଭତ୍ତା ଓ ରାସନ ଚାଉଳକୁ ବାଦ ଦେଲା ପରେ ଆଉ କିଛି ସହାୟତା ମିଳୁନାହିଁ। ଏ ହେଉଛି। କୋରାଇ ବ୍ଲକ ଗୋଳେଇପୁର ପଞ୍ଚାୟତର ବାଟୁଳ ଗ୍ରାମର ଦିବ୍ୟାଙ୍ଗ ମଙ୍ଗୁଳି ମଳିକଙ୍କର ଦୁଃଖ କାହାଣୀ । ମସିହାରେ ବାମ ଗୋଡ଼ ପାଦରେ ଏକ ଲୁହା କଣ୍ଟା ଫୁଟିଯିବା କାରଣୁ ସେପ୍ଟିକ ହୋଇଯିବାରୁ ତାହାକୁ ଆଣ୍ଠୁ ତଳକୁ କଟାଯାଇଥିଲା। ବହୁ କଷ୍ଟରେ ଧାର କରଜ କରି ସୁସ୍ଥ ହେଲା ସତ କିନ୍ତୁ ଗୋଟିଏ ଗୋଡ଼ ହରାଇ ସବୁଦିନ ପାଇଁ ଦିବ୍ୟାଙ୍ଗ ପାଲଟି ଗଲା। ମଙ୍ଗୁଳିକୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି ସତ କିନ୍ତୁ ୬୦% ଦିବ୍ୟାଙ୍ଗ ଲେଖା ହୋଇଥିବାରୁ କୌଣସି କାର୍ଯ୍ୟରେ ଲାଗୁନି । ଗୋଟିଏ ଗୋଡ଼ରେ ଚାଲିବା ଲାଗି କଷ୍ଟ ହେଉଥିବା ବେଳେ ସୌଭାଗ୍ୟରୁ ରାଜସ୍ଥାନର ଏକ ସ୍ୱେଚ୍ଛାସେବୀ ସଂସ୍ଥାର ଦୟରୁ କୃତ୍ରିମ କାଠ ଗୋଡ଼ଟିଏ ନିବେଦନ କରିଛନ୍ତି ।ଲଗାଇ ଚଳପ୍ରଚଳ କରୁଛି। ଗୋଟିଏ ଝିଅ ଓ ଗୋଟିଏ ପୁଅ ସହିତ ପତ୍ନୀକୁ ନେଇ ମଙ୍ଗୁଳିର ସଂସାର। ଅର୍ଥାଭାବରୁ ଝିଅ ଦଶମ ପାଶ କରିବା ପରେ ଆଉ ପାଠ ପଢ଼ିପାରିଲା ନାହିଁ । ପୁଅ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛି। ପରିବାର ଚଳାଇବା ଲାଗି ପାଣିକୋଇଲିର ଏକ ଦୋକାନରେ ସିକ୍ୟୁରିଟି ଭାବେ ସ୍ୱଳ୍ପ ଦରମାରେ କାର୍ଯରତ ଥିବା ମଙ୍ଗୁଳି ବହୁ କଷ୍ଟରେ କର୍ମକ୍ଷେତ୍ରକୁ ଯିବା ଆସିବା କରୁଛି। ତିନି ଚକିଆ ଗାଡ଼ିଟିଏ ଲାଗି ବ୍ଲକ ଠାରୁ ପୂର୍ବତନ ବିଧାୟକଙ୍କ ନିକଟକୁ ବହୁବାର ଯାଇଥିଲେ ମଧ ପ୍ରତିଶ୍ରୁତି ମିଳିଛି କିନ୍ତୁ ପାଳନ କରାଯାଇନାହିଁ। ଯଦି ସରକାରଙ୍କ ତରଫରୁ ମୋତେ ଏକ ତିନି ଚକିଆ ସ୍କୁଟିଟିଏ ପ୍ରଦାନ କରାଯାଆନ୍ତା, ତେବେ କର୍ମ କ୍ଷେତ୍ରକୁ ଯିବା ଆସିବା କରିବାରେ ଅସୁବିଧା ହୁଅନ୍ତା ନାହିଁ । ସହାୟତା ପ୍ରଦାନ କରିବା ଲାଗି ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କୁ ଗୁହାରି କରିଛନ୍ତି।

## ପଲିଥିନ ତଳେ କାଉନସିଲରଙ୍କ ଜୀବନ

କପ୍ତିପଦା,(ମହାଭାରତ ):କପ୍ତିପଦା -ଆବାସ ଯୋଜନା ସାତସପନୟ ନୁଆଣି ଝାଟିମାଟି ଓ ପଲିଥିନ ତଳେ ବିତୁଛି ଜୀବନ। ଦିନ ରେ ସୂର୍ଯ୍ୟ ରାତି ରେ ତାରା ଏହି ପରିକି ଶୀତ, ଖରା ଓ ବର୍ଷା ରେ ଜୀବନ ଜିଁଇବାକୁ ପଡୁଛି। ସେ ଆଉ କେହି ନୁହନ୍ତି ଜଣେ ଜନପ୍ରତିନିଧି ହୋଇ ମଧ ଭଙ୍ଗା କୁଡିଆ ରେ ଦୁର୍ବିସହ ଜୀବନ ବିତାଉଛନ୍ତିମୟୂରଭଞ୍ଜ ଜିଲ୍ଲା ଉଦଳା ଏନଏସି ୯ ନମ୍ବର ୱାର୍ଡ ର ଏ ହେଉଛନ୍ତି କାଉନସିଲର ଭଗବତୀ ପାତ୍ରୟ ସେ ବିଜେପି ଦଳ ର କାଉନସିଲର। ହେଲେ ତାଙ୍କ ପାଇଁ ଠିକଣା ଏହି ନୁଆଣି ଚାଳ ଓ ପଲିଥିନ ଘର। କାଉନସିଲର ପଦବୀ ସିନା ପାଇଛନ୍ତି ହେଲେ ଏ ଘରେ ଦିନ ରେ ସୂର୍ଯ୍ୟ ଓ ରାତି ରେ ତାରା କୁ ଦେଖୁଛନ୍ତି। ସରକାର ଙ୍କ ବିଧି ବ୍ୟବସ୍ଥା ସତେ ଯେମିତି ତାଙ୍କୁ କରୁଛି ବିଚଳିତ। ଭୂମିହୀନ ହୋଇଥିବା ରୁ ଆଜି ପର୍ଯ୍ୟନ୍ତ ତାଙ୍କୁ ନା ସ୍ଥାୟୀ ପଟ୍ଟା ମିଳି ପାରୁଛି ନା



ଆବାସ ଯୋଜନା ରେ ଘର। ନିଜର ଭାଗ୍ୟ କୁ ଆଦରି ପଡ଼ି ରହିଛନ୍ତି ଏହି ଭଙ୍ଗା କୁଡିଆ ରେ। କେବଳ ଯେ ଭଗବତୀ ତାହା ନୁହେଁ ଏହି ପରି ଗ୍ରାମ ରେ ଅନେକ ପରିବାର ସ୍ଥାୟୀ ପଟ୍ଟା ନ ପାଇବାରୁ ଆବାସ ଯୋଜନା ସେମାନଙ୍କ ପାଇଁ ହୋଇଛି ସାତସପନ। ଦୁଇ ବର୍ଷ ପୂର୍ବରୁ ଗାଁ ରେ ଡ୍ରୋନ ସର୍ଭେ କଲା ଘରେ ଘରେ ଜାଗା ମିଶନ ର ଷ୍ଟିକୋର୍ ମରାଗଲା ହେଲେ ଯୋଜନା ଯୋଜନା ବାଟ ରେ ରହିଗଲାୟ ଯାହା ଦ୍ୱାରା କି କାଉନସିଲର ଭଗବତୀ ଭୋଲି ଅନେକ ପରିବାର ଘର ଖଣ୍ଡିକ ପାଇଁ ଅପେକ୍ଷା କରି ରହିଛନ୍ତି ।ବାରମ୍ବାର ପ୍ରଶାସନକୁ ଜଣାଇବା ସତ୍ତ୍ୱେ ପ୍ରଶାସନ ଏହାକୁ କର୍ଣ୍ଣପାତ କରୁଛନ୍ତି ବୋଲି କହିଛନ୍ତି ଭଗବତୀ ମୁଣ୍ଡ ରେ ବାଜୁଛି ଚାଳ ଆଉ ଘର ଭିତର ରେ ଥାଇ ଭଙ୍ଗା ଚାଳ ରେ ଆକାଶ କୁ ଭଲ ଭାବରେ ମଧ ଦେଖି ହେଉଛି। ଭଗବତୀ ଙ୍କ ପରିବାର ସଦସ୍ୟ ଙ୍କ ସଂଖ୍ୟା ୧୦ ଜଣୟ ଏହି ଭଙ୍ଗା କୁଡିଆ ରେ ପରିବାର ର ୧୦ ଜଣ ଜୀବନ କାଟୁଛନ୍ତି। ଭଗବତୀ ଙ୍କ ପରିବାର ମୂଲ ଲାଗି ଚଳନ୍ତି। ଆଉ ଘର ଖଣ୍ଡିଏ କରିବାର ତାଙ୍କ ପାଖରେ ନାହିଁ ସକ୍ଷମୟ ଏଠାରେ ୫୦ ବର୍ଷ ରୁ ଉର୍ଦ୍ଧ୍ୱ ରହିଥିବା ବେଳେ ପ୍ରଶାସନ ଓ ସରକାର ଙ୍କ ଆନ୍ତରିକତା ନଥିବା ସ୍ପଷ୍ଟ ପ୍ରମାଣ କରୁଛି। ଏହି ପରିକି ଯଦି ଜଣେ ଜନପ୍ରତିନିଧି ଏ ପରି ଅବସ୍ଥା ରେ ରୁହେ ତେବେ ସାଧାରଣ ଲୋକ କିପରି ପାଇବେ କହିଛନ୍ତି ଗ୍ରାମବାସୀ। ଖୁବ ଶୀଘ୍ର ଭଗବତୀଙ୍କର ସମସ୍ୟାର ସମାଧାନ କରାଯିବ ବୋଲି ଉଦଳା ଏନ ଏ ସି ର ଅଧକ୍ଷା ପ୍ରକାଶ କରିଛନ୍ତି ।

## ଆରମ୍ଭ ହୋଇ ଗଲାଣି ଚଳିତ ବର୍ଷର ଶିକ୍ଷାବର୍ଷ

## ଏଯାଏଁ ମିଳିଲାନି ଛାତ୍ରଛାତ୍ରୀ ଙ୍କୁ ମାଗଣା ପୁସ୍ତକ

ନୟାଗଡ଼, ( ମହାଭାରତ ) : ଚାରି ମାସ ରୁ ଉର୍ଦ୍ଧ୍ୱ ଦିନ ହେବ ଶିକ୍ଷା ବର୍ଷ ଆରମ୍ଭ ହେଲାଣି। ମାତ୍ର ସରକାରଙ୍କ ଯୋଜନା ମୁତାବକ ଏଯାଏଁ ନବମ ଓ ଦଶମ ଶ୍ରେଣୀ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଙ୍କୁ ମାଗଣା ପୁସ୍ତକ ମିଳିଲା ନାହିଁ। ଇତିମଧ୍ୟରେ ସେମାନଙ୍କର ଇଣ୍ଟର୍ନାଲ ପରୀକ୍ଷା ମଧ ଆରମ୍ଭ ହୋଇଗଲାଣି ବିନା ପୁସ୍ତକରେ ଏହି ଛାତ୍ରଛାତ୍ରୀ ମାନେ କେମିତି ପରୀକ୍ଷା ଦେବେ, ଏହାକୁ ନେଇ ସମସ୍ତଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଖୋଦ୍ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କ ପାଖରେ ମଧ ଏହାର ଖବର ନାହିଁ। ପୁସ୍ତକ ଯୋଗାଇବା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ହିଁ ଯାହା କିଛି କରିପାରିବେ ବୋଲି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାରେ ମୋଟ୍ ୨୩୫ଟି ଉଚ୍ଚ ବିଦ୍ୟାଳୟ ରହିଛ। ପ୍ରତି ବର୍ଷ ନାମଲେଖା ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତି ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୭୫% ପୁସ୍ତକ ଯୋଗାଇ ଦିଆଯାଏ। ନାମଲେଖା ହେବା ପରେ ଯେତିକି ଛାତ୍ରଛାତ୍ରୀ ଏହି ବର୍ଗରେ ରହିଥାନ୍ତି, ସେମାନଙ୍କ ପାଇଁ ମାଗଣା ପୁସ୍ତକ ଯୋଗାଇ ଦିଆଯାଏ। ସରକାରଙ୍କ ଏହି ଯୋଜନା ପାଇଁ ହଜାର ହଜାର ଛାତ୍ରଛାତ୍ରୀ ବେଶ୍ ସୁବିଧା ପାଆନ୍ତିୟ ମାତ୍ର ଏଥର ଏହି ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ସେମାନେ ସମ୍ପୃକ୍ତ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଥକିଗଲେଣି। ତଥାପି କିଛି ସୁଫଳ



ମିଳି ନାହିଁ। ଯାହା ଜଣାପଡ଼ିଛି, ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଜିଲ୍ଲାକୁ ଅଗ୍ରୀମ ପୁସ୍ତକ ଆସିଥିଲା। ଜିଲ୍ଲା ଶିକ୍ଷା ବିଭାଗ ବ୍ଲକ୍ ଗୁଡ଼ିକୁ ପୁସକ୍ତ ଯୋଗାଇଥିଲେ। ଯେହେତୁ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଯିବା ପରେ ଆଉ ବହି ଆସିଲା ନାହିଁ, ସେଇଠି ସମସ୍ୟା ଉପୁଜିଲା। ଏବେ ଓଡ଼ଗାଁ ଓ ରଣପୁର ବ୍ଲକ୍ର ପ୍ରାୟ ୮୦ଟି ସ୍କୁଲରେ ଥିବା ଏହି ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇ ଦିଆଯାଇ ନାହିଁୟ ଜିଲ୍ଲାରେ ପ୍ରାୟ ପାଞ୍ଚ ହଜାର ଛାତ୍ରଛାତ୍ରୀ ଏହି ବର୍ଗର ରହିଛନ୍ତ। ଓଡ଼ଗାଁ ଓ ରଣପୁର ବ୍ଲକ୍ର ୧୫୦୦ ଛାତ୍ରଛାତ୍ରୀ ମାଗଣା ପୁସ୍ତକ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଗକୁ ଏହି ବହି କେବେ ମିଳିବ, ତାହା ମଧ ଜଣାପଡୁ ନାହିଁ। ରାଜ୍ୟର ସମସ୍ତ ଜିଲ୍ଲା ଠିକ୍ ଭାବେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ତଥ୍ୟ ଦେଉନଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ମାତ୍ର ନୟାଗଡ଼ ର ସର୍ବପ୍ରଥମେ ଏ ସଂକ୍ରାନ୍ତରେ ତଥ୍ୟ ପ୍ରଦାନ କରିଥିଲେ ମଧ ମାଗଣା ପୁସ୍ତକ ପାଇବାରୁ ବଞ୍ଚିତ ହୋଇଛି। ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତି ପଟ୍ଟନାୟକ କିନ୍ତୁ ଏ ସମସ୍ୟା ସମ୍ପର୍କରେ ତାଙ୍କ ନିକଟକୁ କୌଣସି ଅଭିଯୋଗ ଆସିନଥିବା ସୂଚନା ମିଳିଛି। ଅଧିକାଂଶ ସ୍କୁଲ ପାଇଥିବା ତାଙ୍କ ପାଖରେ ସୂଚନା ରହିଥିବା ବେଳେ କେଉଁମାନେ ପାଇ ନାହାନ୍ତି, ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି।

## ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ଭାରତ : ମୋଦି

**ନୂଆଦିଲ୍ଲୀ,୩୦।୦୭ :** ଖୁବଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ବଢ଼ିବ ଭାରତର ଅର୍ଥନୈତିକ ଶକ୍ତି। ଏବେ ଭାରତ ବିଶ୍ୱର ୫ମ ସ୍ଥାନରେ ରହିଛି। ଖୁବଶୀଘ୍ର ଏହା ତୃତୀୟ ସ୍ଥାନକୁ ଉଠିବ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ଉଓଓ) ଦ୍ୱାରା ଆୟୋଜିତ ପୋଷ୍ଟ ବଜେଟ୍ କନ୍‌ଫରେନ୍ସକୁ ସମ୍ବୋଧିତ କରି ଏଭଳି କିଛି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ମୁଁ ପୂର୍ବରୁ କହିଥିଲି ଯେ ମୋର ତୃତୀୟ କାର୍ଯ୍ୟକାଳରେ ଦେଶ ତିନି ନମ୍ବର ଅର୍ଥନୀତିରେ ପରିଣତ ହେବ। ଭାରତ କ୍ରମାଗତ ଭାବରେ ଆଗକୁ ବଢୁଛି। ୨୦୧୪ରେ, ଆପଣ ଆମକୁ ଦେଶ ସେବା କରିବାର ସୁଯୋଗ ଦେଇଛନ୍ତି। ୨୦୧୪ ରେ ଯେତେବେଳେ ସରକାର ଗଠନ



ହେଲା, ସେତେବେଳେ ସବୁଠାରୁ ବଡ଼ ପ୍ରଶ୍ନ ଥିଲା ଯେ ଭାରତର ଅର୍ଥନୀତିକୁ କିପରି ଟ୍ରାକ୍‌କୁ ଫେରାଇ ଆଣାଯିବ। ଏବେ ଏଥିରେ ଢ଼େର ଅଗ୍ରଗତି ହୋଇଛି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ପୁଞ୍ଜିଗତ ବ୍ୟୟ ୧୦ ବର୍ଷ ମଧ୍ୟରେ ପାଞ୍ଚ ଗୁଣ ବଢ଼ି ୧୧.୧୧ ଲକ୍ଷ କୋଟିରେ ପହଞ୍ଚି ସାରିଲାଣି। ଗତ ୧୦ ବର୍ଷ ମଧ୍ୟରେ ମନ୍ତ୍ରଣାଳୟର ଆବଣ୍ଟନରେ ସରକାର ରେକର୍ଡ ବୃଦ୍ଧି ପାଇଥିବାବେଳେ ଟିକସ ହାର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଭାରତ ପ୍ରତ୍ୟେକ କ୍ଷେତ୍ରର ଅର୍ଥନୀତି ଉପରେ ଧ୍ୟାନ ଦେଉଛି। ପୂର୍ବ ସରକାର ତୁଳନାରେ ଆମ ସରକାର ରେଳ ବଜେଟକୁ ୮ ଗୁଣ ବୃଦ୍ଧି କରିଛନ୍ତି। ରାଜପଥ ବଜେଟକୁ ୮ଗୁଣ ବୃଦ୍ଧି କରାଯାଇଛି। କୃଷି ବଜେଟ୍ ୪ଗୁଣ ଏବଂ ପ୍ରତିରକ୍ଷା ବଜେଟ୍ ୨ଗୁଣରୁ ଅଧିକ ବୃଦ୍ଧି କରାଯାଇଛି। ବର୍ଷ ୨୦୧୩-୧୪ରେ ମନମୋହନ ସରକାରଙ୍କ ବଜେଟ ୧୬ ଲକ୍ଷ କୋଟିର ଥିଲା। ଆଜି ଏହା ତିନିଗୁଣ ବଢ଼ି ୪୮ ଲକ୍ଷ କୋଟିରେ ପହଞ୍ଚିଛି। ମରୁଡ଼ି, ଝଡ଼ ବାତ୍ୟା, କରୋନା ଭଳି ସଙ୍କଟର ସାମ୍ନା କରିଛି ଭାରତ। ଯଦି ଏହ ସଙ୍କଟ ଆସି ନଥାନ୍ତା ତେବେ ଭାରତ ଆହୁରି ଅଧିକ ଉଚ୍ଚରେ ପହଞ୍ଚି ସାରିଥାନ୍ତା। ଗତ ୧୦ ବର୍ଷରେ ୨୫ କୋଟିରୁ ଅଧିକ ଲୋକ ଗରିବ ରେଖା ତଳୁ ଉପରକୁ ଉଠିଛନ୍ତି। ଆମର ଦେଶର ନାଗରିକଙ୍କ 'ଇଜି ଅଫ୍ ଲିଭିଂ' ଉପରେ ଫୋକସ୍ ରହିଥିବା ମୋଦି କହିଛନ୍ତି। ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ଏହା ମଧ୍ୟ କହିଛନ୍ତି ଯେ ଆମ ସରକାରଙ୍କ ଉଦ୍ଦେଶ୍ୟ ଏବଂ ପ୍ରତିବଦ୍ଧତା ସ୍ପଷ୍ଟ, ଆମେ ବିକଶିତ ଭାରତ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉଛୁ। ଆମେ ଶୀଘ୍ର ଅଫଶୋର ମିନେରାଲ୍ ବ୍ଲକ୍ ନିଲାମ ଆରମ୍ଭ କରିବୁ। ଆଜି ଭାରତ ମୋବାଇଲ୍ ଫୋନର ସର୍ବୋଚ୍ଚ ଉତ୍ପାଦକ ଅଟେ। ଆଜି ଭାରତରେ ୧.୪୦ ଲକ୍ଷ ଷ୍ଟାର୍ଟଅପ୍ ଅଛି ଏବଂ ଆଠ କୋଟି ଲୋକ ମୁଦ୍ରା ଲୋନ୍ ସହିତ ସେମାନଙ୍କର ବ୍ୟବସାୟ ଆରମ୍ଭ କରିଛନ୍ତି। ସମଗ୍ର ବିଶ୍ୱରୁ ନିବେଶକମାନେ ଭାରତ ଆସିବାକୁ ଆଗ୍ରହୀ; ଶିଳ୍ପ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ଏବଂ ଆମେ ଏହାକୁ ନଷ୍ଟ କରିବା ଉଚିତ୍ ନୁହେଁ।

## ଡ୍ୟାନ୍ସ କ୍ଲାସ୍‌ରେ ଛୁରାମାଡ଼, ୨ ଛୁଆ ମୃତ, ୯ ଆହତ

**ଇଂଲଣ୍ଡ,୩୦।୦୭ :** ଚାଲିଥିଲା ପିଲାଙ୍କ ଡ୍ୟାନ୍ସ କ୍ଲାସ୍। ମ୍ୟୁଜିକ୍ ତାଳେ ତାଳେ ନାଚୁଥିଲେ କୁନି କୁନି ପିଲା। ବାସ୍ ଏତିକି ବେଳେ ଜଣେ ଦୁର୍ବୃତ୍ତ ପଶି ଅସି ଛୁରୀରେ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିରେ ୨ ଛୋଟ ପିଲାଙ୍କ ମୃତ୍ୟୁ ହୋଇଛି। ସେହିପରି ୯ ଜଣ ଆହତ ହୋଇଛନ୍ତି। ସୋମବାର ଉତ୍ତର-ପଶ୍ଚିମ ଇଂଲଣ୍ଡରେ ଘଟିଛି ଏଭଳି କିଛି ଘଟଣା। ଲିଭରପୁଲ୍ ନିକଟ ସାଉଥପୋର୍ଟର ସମୁଦ୍ର କୂଳରେ ଏହି ଘଟଣା ଘଟିଛି। ଏହି ମାମଲାରେ ପୁଲିସ ଛୁରାମାଡ଼ କରିଥିବା ଜଣେ ୧୭ ବର୍ଷୀୟ ନାବାଳକକୁ ଗିରଫ କରିଛି। ତା'ଠାରୁ ଛୁରୀ ମଧ୍ୟ ଜବତ କରାଯାଇଛି। ତେବେ କାହିଁକି ସେ ପିଲାଙ୍କ ଉପରେ ଏଭଳି ଆକ୍ରମଣ କଲା ତା'ର କାରଣ ଅସ୍ପଷ୍ଟ ରହିଛି। ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି। ବିବିସି ରିପୋର୍ଟ ମୁତାବକ, ଆତହ ୯ ଜଣ ପିଲାଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପିଲାମାନଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରୁଥିବାବେଳେ ଦୁଇଜଣ ବୟସ୍କଙ୍କୁ ମଧ୍ୟ ଛୁରାମାଡ଼ ହୋଇଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୁଲିସ କହିଛି। ଛୁରାମାଡ଼ ପରେ ଛୋଟ ଛୋଟ ପିଲାମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜୀବନ ବଞ୍ଚାଇ ଦୌଡୁଥିବା ଦେଖିବାକୁ ମିଳିଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେପଟେ ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ଷ୍ଟାର୍ମର୍ ନିନ୍ଦା କରିଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଷ୍ଟାର୍ମର୍ କହିଛନ୍ତି, ସାଉଥପୋର୍ଟରୁ ଭୟଙ୍କର ଏବଂ ଅତ୍ୟନ୍ତ ଚକିତ ଖବର ଆସୁଛି। ସମସ୍ତ ପ୍ରଭାବିତ ଲୋକଙ୍କ ସହ ମୋର ସମବେଦନା ରହିଛି। ଲିଭରପୁଲ୍ ନିକଟ ସାଉଥପୋର୍ଟର ସମୁଦ୍ର କୂଳରେ ଥିବା ଏକ କମ୍ୟୁନିଟି ସେଣ୍ଟରରେ ୬ରୁ ୧୧ ବର୍ଷ ବୟସର ପିଲାମାନଙ୍କ ପାଇଁ ଟେଲର ସ୍ୱିଫ୍ଟ-ଥିମ୍ ଉପରେ ଡ୍ୟାନ୍ସ ଏବଂ ଯୋଗ କ୍ଲାସ୍ ଚାଲିଥିଲା।

## ଘର ନିର୍ମାଣ ପାଇଁ ମାଗଣା ବାଲି ଦିଆଯିବ : ମୁଖ୍ୟମନ୍ତ୍ରୀ ସୋରେନ୍

**ରାଞ୍ଚି,୩୦।୦୭ :** ବାଲି ମୂଲ୍ୟକୁ ନେଇ ମଙ୍ଗଳବାର ଦିନ ଝାଡଖଣ୍ଡ ବିଧାନସଭାରେ ହଙ୍ଗାମା ହୋଇଥିଲା। ବିରୋଧୀଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏକ ବଡ ଘୋଷଣା କରିଥିଲେ ଯେ ରାଜ୍ୟରେ ଆୟକର ଦେଉ ନ ଥିବା ଲୋକଙ୍କୁ ଘର ନିର୍ମାଣ ପାଇଁ ମାଗଣା ବାଲି ଦିଆଯିବ। ଏହା ସହିତ ୪୮୩୩.୩୯ କୋଟି ଟଙ୍କାର ସପ୍ଲିମେଣ୍ଟାରୀ ବଜେଟ୍ ମଧ୍ୟ ଗୃହ ଦ୍ୱାରା ପାରିତ ହୋଇଛି। ଝାଡ଼ଖଣ୍ଡରେ ବାଲିର ଅଭାବ ଏବଂ ଅଧିକ ମୂଲ୍ୟ ଦୀର୍ଘ ଦିନ ଧରି ଚର୍ଚ୍ଚାର ବିଷୟ ପାଲଟିଛି। ବିରୋଧୀ ଦଳ ବିଜେପି ଏହି ପ୍ରସଙ୍ଗରେ ସରକାରଙ୍କୁ କୋଣଠେସା କରିବାକୁ ଚେଷ୍ଟା କରୁଛି। ତେବେ ମୁଖ୍ୟମନ୍ତ୍ରୀ ସୋରେନ୍ ଏହି ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସେ କହିଛନ୍ତି ଗରିବଙ୍କ ପାଇଁ ଘର ନିର୍ମାଣ ପାଇଁ ବାଲିର ଅଭାବ ନ ହେବା ଲାଗି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଯେଉଁମାନେ ଆୟକର



ଅଧୀନରେ ଅନ୍ତର୍ଭୁକ୍ତ ନୁହଁନ୍ତି ସେମାନଙ୍କ ପାଇଁ ମାଗଣା ବାଲି ମିଳିବ। ସିଏମ ହେମନ୍ତ ସୋରେନ କହିଛନ୍ତି 'ବାଲିର ମହଙ୍ଗା ମୂଲ୍ୟ ଏବଂ ଗରିବ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା ହୋଇଛି। ଲୋକମାନେ ଆବୁଆ ଆୱାସ ଏବଂ ପ୍ରଧାନ ମନ୍ତ୍ରୀ ଆୱାସ ଯୋଜନା ଅନ୍ତର୍ଗତ ବାଲି କିଣିବାକୁ ସକ୍ଷମ ନୁହନ୍ତି। ତେଣୁ ସରକାର ନିଷ୍ପତ୍ତି ନେଇଛନ୍ତି ଯେଉଁମାନେ ଆୟକର କ୍ଷେତ୍ରକୁ ଆସନ୍ତି ନାହିଁ ସେମାନଙ୍କୁ ମାଗଣା ବାଲି ଯୋଗାଇ ଦିଆଯିବ। ବାଲି ମାଫିଆଙ୍କ ମନମୁଖୀ କାର୍ଯ୍ୟକଳାପ ଜାରି ରହିଥିବା ଅଭିଯୋଗ ବିଜେପି ପକ୍ଷରୁ କରାଯାଇଛି। ଏହାପୂର୍ବରୁ ସପ୍ଲିମେଣ୍ଟାରୀ ବଜେଟ୍ ଉପରେ ଆଲୋଚନା ବେଳେ ବିଜେପି ବିଧାୟକ ଭାନୁ ପ୍ରତାପ ଶାହି ବାଲି ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ବାଲି ମାଫିଆ ପ୍ରତି ସରକାର ଦୟାଳୁ ଥିବାବେଳେ ସାଧାରଣ ଲୋକଙ୍କୁ ହଇରାଣ କରାଯାଉଛି। ଶାହି ଅଭିଯୋଗ କରିଛନ୍ତି, ରାଜପଥ ଭର୍ତ୍ତି କରି ଏଠାରୁ ବାଲି ବାହାରକୁ ଯାଇଥାଏ, କିନ୍ତୁ ଯେତେବେଳେ ଗରିବ ଲୋକ ଟ୍ରାକ୍ଟର ଦ୍ୱାରା ତାଙ୍କ ଘରକୁ ବାଲି ଆଣିଥାନ୍ତି, ସେତେବେଳେ ପୁଲିସ୍ ତାଙ୍କୁ ଧରିଥାଏ। ହେମନ୍ତ ସୋରେନଙ୍କ ସରକାରରେ ବାଲି ସୁନାରେ ପରିଣତ ହୋଇଛି ବିଜେପି ଅଭିଯୋଗ କରିଛି। ଗୃହରେ ବିଜେପି ବିଧାୟକଙ୍କ ଅନୁପସ୍ଥିତିରେ ୪୮୩୩.୩୯ କୋଟି ଟଙ୍କାର ସପ୍ଲିମେଣ୍ଟାରୀ ବଜେଟ୍ ଭଏସ୍ ଭୋଟ୍ ଦ୍ୱାରା ପାରିତ ହୋଇଥିଲା। ବହୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ପାଇଁ ଏହି ବଜେଟ୍ ଅଣାଯାଇଛି ବୋଲି ମନ୍ତ୍ରୀ ଡାକ୍ତର ରମେଶ୍ୱର ଓରନ୍ କହିଥିଲେ। ସେ କହିଥିଲେ ଯେ ରାଜ୍ୟ ସରକାର ୧୨୫ ୟୁନିଟ୍ ବଦଳରେ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଅତିରିକ୍ତ ବଜେଟ୍ ଆବଶ୍ୟକ।

## କେନ୍ଦ୍ର ସରକାର କେବଳ ସାଇକେଲ ଭରସାରେ ଚାଲୁଛି : ଅଖିଳେଶ

**ନୂଆଦିଲ୍ଲୀ,୩୦।୦୭ :** ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ ମଙ୍ଗଳବାର ଲୋକସଭାରେ ବଜେଟ୍ ଆଲୋଚନାରେ ଭାଗ ନେଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ 'ସରକାର ଆଉ ଚାଲିବ ନାହିଁ ଏହାର ପତନ ହେବାକୁ ଯାଉଛି। କେନ୍ଦ୍ର ସରକାର କେବଳ ସାଇକେଲ ଭରସାରେ ଚାଲୁଛି। ସାଇକେଲ ହେଉଛି ସମାଜବାଦୀ ପାର୍ଟି ସହିତ ଟିଡିପିର ନିର୍ବାଚନ ପ୍ରତୀକ। ବର୍ତ୍ତମାନର ସରକାରରେ ଟିଡିପି ହେଉଛି ମୁଖ୍ୟ ନିର୍ବାଚନକାରୀ ଦଳ। ନିକଟରେ ପ୍ରଧାନମନ୍ତ୍ରୀଙ୍କ ସହ ବିଜେପି ଶାସିତ ରାଜ୍ୟଗୁଡିକର ବୈଠକ ସହ ଜଡିତ ଏକ ଭିଡିଓକୁ ଦର୍ଶାଇ ଏସପି ସଭାପତି ଯାଦବ କହିଛନ୍ତି ଉତ୍ତରପ୍ରଦେଶରେ ହାରିଯିବା ପରଠାରୁ କେହି ଆମକୁ ଅଭିବାଦନ କରୁନାହାନ୍ତି। ଆପଣ ସେହି ଭିଡିଓ ଦେଖିଛନ୍ତି କି, କେହି କାହାକୁ ଅଭିବାଦନ କରୁନାହାନ୍ତି, କେହି କାହାକୁ ଦେଖୁ ନାହାନ୍ତି। ବିଜେପି ସାଂସଦ ଅନୁରାଗ ଠାକୁରଙ୍କ ସହ କଥାବାର୍ତ୍ତା ବେଳେ ଯାଦବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପରୋକ୍ଷରେ ଉଲ୍ଲେଖ କରି କହିଛନ୍ତି



ଯେ 'ତୁମେ ନିଜକୁ ଶକ୍ତିଶାଳୀ ବୋଲି କହିଛ, କିନ୍ତୁ ତୁମକୁ ପରାସ୍ତ କରିଥିବା ବ୍ୟକ୍ତିଙ୍କୁ ହଟାଇବାରେ ସକ୍ଷମ ନୁହଁ'। ଅଖିଳେଶ ଯାଦବ କହିଛନ୍ତି ଏହା ମୋଦୀ ସରକାରଙ୍କ ଏକାଦଶ ବଜେଟ୍। କିନ୍ତୁ ବଜେଟ୍‌ରୁ ସାଧାରଣ ଲୋକଙ୍କ ପାଇଁ କିଛି ଆଶା ନାହିଁ। ସେ ପଚାରିଛନ୍ତି ଯଦି ୧୦ ବର୍ଷ ମଧ୍ୟରେ ସବୁକିଛି ଏତେ ଭଲ ହୋଇଛି ତେବେ ଦେଶ ଭୋକ ସୂଚକାଙ୍କରେ କେଉଁଠାରେ ଠିଆ ହେବ? ଆପଣ ମେକ୍ ଇନ୍ ଇଣ୍ଡିଆର ସବୁଠାରୁ ବଡ ସ୍ୱପ୍ନ ଦେଖାଇଛନ୍ତି। ଅଖିଳେଶ କହିଛନ୍ତି ଯେ ଉତ୍ତରପ୍ରଦେଶର ନିର୍ବାଚନ ଫଳାଫଳ ଦର୍ଶାଉଛି ଯେ ଏହି ସରକାର କେତେ କାର୍ଯ୍ୟ କରିଛନ୍ତି। ରେଳ ଦୁର୍ଘଟଣା ସମ୍ପର୍କରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ଅନ୍ୟ ଏକ ରେଳ ଦୁର୍ଘଟଣାର ଖବର ଶୁଣିଛନ୍ତି। ଯେବେଠାରୁ ଏହି ସରକାର ଆସିଲା ସେବେଠାରୁ, 'ରେଳ ଦୁର୍ଘଟଣା ଏବଂ କିଏ ଆଗକୁ ଯିବ ସେନେଇ ପେପର ଲିକ୍ ମଧ୍ୟରେ ଏକ ପ୍ରତିଯୋଗିତା ଚାଲିଛି'। ଅଗ୍ନିପଥ ଯୋଜନା ପ୍ରସଙ୍ଗରେ ସେ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

## ବନେଇମୁଣ୍ଡା ପଞ୍ଚାୟତ ଠାରେ ବ୍ଲକ ସ୍ତରୀୟ ଜନ ଅଭିଯୋଗ

**ପାଟଣାଗଡ଼(ମହାଭାରତ) :** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ବନେଇମୁଣ୍ଡା ଗ୍ରାମ/ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୫୦୦ରୁ ଉର୍ଦ୍ଧ ଅଭିଯୋଗ କାରି ଲମ୍ବା ଧାଡ଼ିରେ ଠିଆ ହୋଇ ରେସନ କାର୍ଡ , ବାର୍ଦ୍ଧକ୍ୟ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଅଭିଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣାଗଡ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ ଓ ତହସିଲଦାର ରୁଦ୍ରମୋହନ ନାୟକ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏବିଡିଓ ମେନକା ମେହେର , ଜିପିଓ ନିଳକଣ୍ଠ କାଲସାଏ, ସରପଞ୍ଚ ପୁଷ୍ପାବତୀ ମେହେରଙ୍କ ସମେତ ସମସ୍ତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ରହି ଥିଲେ । ଜନ ଅଭିଯୋଗ ଶୁଣାଣୀ ଓ ସଚେନତା ଶିବିର କୁ ନେଇ ସରପଞ୍ଚ ଶ୍ରୀମତୀ ମେହେର କୁ ଭୁରି ଭୁରି ପ୍ରଶଂସା କରୁଛନ୍ତି ବନେଇମୁଣ୍ଡା ଗ୍ରାମ/ପଞ୍ଚାୟତ ବାସୀ ।



## ରେଳ ଦୁର୍ଘଟଣାକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ

**ନୂଆଦିଲ୍ଲୀ,୩୦।୦୭ :** ବାହାନଗାରୁ ରାଜଖରସୁଆଁ, ଦେଶରେ ବାରମ୍ବାର ଘଟୁଥିବା ରେଳ ଦୁର୍ଘଟଣାକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ। ସରକାର ଟ୍ରେନ ଦୁର୍ଘଟଣାରେ ରେକର୍ଡ କରିବାକୁ ଚାହୁଁଛନ୍ତି ବୋଲି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କଟାକ୍ଷ କରି କହିଛନ୍ତି।

ଅଖିଳେଶ ଯାଦବ କହିଛନ୍ତି ଯେ, ସେମାନେ ପ୍ରଶ୍ନପତ୍ର ଲିକରେ ରେକର୍ଡ କରିଥିଲେ, ବର୍ତ୍ତମାନ ରେଳ ଦୁର୍ଘଟଣାରେ ରେକର୍ଡ କରୁଛନ୍ତି। ସରକାର କେବଳ ବଡ଼ ବଡ଼ କଥା କହୁଛନ୍ତି। ଲୋକଙ୍କ ଜୀବନ ଯାଉଛି, ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ, ସେଥିପାଇଁ ସରକାଙ୍କୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ଅଛି।

ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଏହିପରି ଆଉ କେତେ ଦିନ ଚାଲିବ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ରେଳ ଦୁର୍ଘଟଣା ନିତିଦିନିଆ ହୋଇଗଲାଣି, ଆମେ ଆଉ କେତେ ଦିନ ଏପରି ଦେଖିବୁ? ରେଳ ଦୁର୍ଘଟଣାକୁ ରୋକିବା ପାଇଁ ସରକାର କିଛି ବଡ଼ କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ମମତା ବାନାର୍ଜୀ କହିଛନ୍ତି। ଶିବସେନା (ୟୁବିଟି) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, 'ରେଳ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ବଢି ଚାଲିଛି। ଏତେ ଲୋକଙ୍କ ଜୀବନ ଯିବା ପରେ ମଧ ଆଜି ପର୍ଯ୍ୟନ୍ତ କେହି ଉତ୍ତରଦାୟୀ ନ ଥିବାରୁ ମୋତେ ଲାଗୁଛି ଝାଡ଼ଖଣ୍ଡରେ ଘଟିଥିବା ରେଳ ଦୁର୍ଘଟଣାର ମଧ୍ୟ କୌଣସି ପ୍ରଭାବ ପଡ଼ିବ ନାହିଁ। ସରକାର କେବଳ କ୍ଷତିପୂରଣ ଘୋଷଣା କରିଦେବେ, ତଦନ୍ତର ପ୍ରତିଶ୍ରୁତି ଦେବେ, ତା ପରେ ଅନ୍ୟ ଏକ ଚଜ ଇନଷ୍ଟାଗ୍ରାମ ରିଲକୁ ଚାଲିଯିବେ। ରେଳ ମନ୍ତ୍ରୀଙ୍କୁ କଟାକ୍ଷ କରି 'ରିଲ୍ ମିନିଷ୍ଟର' କହିବା ସହ ଲୋକମାନେ ଟ୍ରେନର ଶୌଚାଳୟରେ ଯାତ୍ରା କରୁଥିଲେ ବି ସରକାର ଏଥିପ୍ରତି ଲଜ୍ଜିତ ନୁହଁନ୍ତି ବୋଲି କହିଛନ୍ତି ପ୍ରିୟଙ୍କା ଚତୁର୍ବେଦୀ। ପ୍ରକାଶ ଥାଉକି ଆଜି ଝାଡ଼ଖଣ୍ଡର



ରାଜଖରସୁଆଁରେ ହାଓ୍ୱଡା-ମୁମ୍ବାଇ ଏକ୍ସପ୍ରେସ ଲାଇନ୍‌ଚ୍ୟୁତ୍ ହୋଇଛି। ଏଥିରେ ଦୁଇ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ୨୦୨୩ରେ ବାହାନଗାରେ ଘଟିଥିବା ରେଳ ଦୁର୍ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରି ଦେଇଥିଲା। ଏଥିରେ ୨୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହା ପରଠାରୁ ଅଧିକାଂଶ ସମୟରେ ରେଳ ଦୁର୍ଘଟଣା ଖବର ଆସୁଛି।

## ୨୫ତମ କାର୍ଗିଲ ବିଜୟ ଦିବସରେ ବେଦାନ୍ତ ସେସା ଗୋଆ ୧୦୦ରୁ ଅଧିକ ଏକ୍ସ-ସର୍ଭିସ୍‌ମ୍ୟାନ୍‌ଙ୍କୁ ସମ୍ମାନୀତ କଲା

**ଭୁବନେଶ୍ୱର,୩୦।୭ :** ବେଦାନ୍ତ ସେସା ଗୋଆ ୨୫ତମ କାର୍ଗିଲ ବିଜୟ ଦିବସ ପାଳନ ଅବସରରେ ବର୍ତ୍ତମାନ ୱାର୍କଫୋର୍ସରେ ଥିବା ୧୦୦ରୁ ଅଧିକ ଏକ୍ସ-ସର୍ଭିସ୍‌ମ୍ୟାନ୍(ଇଏସ୍‌ଏମ୍)ଙ୍କୁ ସମ୍ମାନୀତ କରିଛି। କମ୍ପାନୀ ବିଭିନ୍ନ ସାମର୍ଥ୍ୟରେ ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀଙ୍କୁ ନିୟୋଜିତ କରିଛି। ମୁଖ୍ୟତଃ ସେମାନଙ୍କୁ ସୁରକ୍ଷା କ୍ଷେତ୍ରରେ ନିୟୋଜିତ କରାଯାଇଛି। ୫ଟି ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥିବା କାର୍ଗିଲ ବିଜୟ ଦିବସରେ ସେମାନଙ୍କୁ ସ୍ମରଣ କରିବା ଏବଂ ଆମ ଜାତିର ଏକତା ତଥା ଅଖଣ୍ଡତାକୁ ସୁରକ୍ଷିତ ରଖିବା ତଥା ସୁରକ୍ଷା ଦେବାରେ ଇଏସ୍‌ଏମ୍‌ଙ୍କର ଅବଦାନକୁ ଗୁରୁତ୍ୱପ୍ରଦାନ କରାଯାଇଥିଲା। ଦେଶକୁ 'ଫେରସ୍ତ' କରିବାର ଅପୂର୍ବ ଉତ୍ସାହକୁ ଚିହ୍ନିବା ପାଇଁ ଏହି ଉତ୍ସବର ଆୟୋଜନ କରାଯାଇଥିଲା ଯାହା ଇଏସ୍‌ଏମ୍‌ଙ୍କୁ ସମ୍ମାନୀତ କରିବା ସହିତ ଦ୍ୱାରା ସମାଜକୁ 'ଫେରାଇବା' ବେଦାନ୍ତର ଦର୍ଶନକୁ ପ୍ରତିଫଳିତ କରିଛି।

ସେସା ଗୋଆ ଏହାର ସୁରକ୍ଷା ଦଳଙ୍କ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ଅବସରରେ ଉପଢ୍ୌକନ ଏବଂ ସ୍ମରଣୀକା ପ୍ରଦାନ ସହିତ ଏକ ଭାବ ଆଦାନପ୍ରଦାନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଇଏସ୍‌ଏମ୍‌ମାନେ ଭାରତର ସଶସ୍ତ୍ର ବାହିନୀର ଅଂଶ ଭାବରେ ସେମାନଙ୍କ କାର୍ଯ୍ୟ ସମୟର ଅଭିଜ୍ଞତା ସମ୍ପର୍କରେ ବଖାଣିଥିଲେ। ୨୫ତମ କାର୍ଗିଲ ବିଜୟ ଦିବସକୁ ପାଳନ ଅବସରରେ ବେଦାନ୍ତ ସେସା ଗୋଆ ଲୁହାପଥରର ସିଇଓ ନାଭିନ ଜାଜୁ କହିଲେ, ୨୫ତମ କାର୍ଗିଲ ବିଜୟ ଦିବସ ସମସ୍ତ ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ମୁଁ ଦେଶ ପାଇଁ ବଳିଦାନ ଦେଇଥିବା ଆମର ନିଷ୍ଠାପର ସମସ୍ତ ଯବାନଙ୍କୁ ପ୍ରଣାମ ଜଣାଉଛି। ସେମାନେ ଆମର ମାତୃଭୂମି ଏବଂ ତ୍ରିରଙ୍ଗା ପ୍ରତି ଅତୁଳନୀୟ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି। ବେଦାନ୍ତର ମୂଲ୍ୟବୋଧ ସହିତ ମୁଁ ଆମର ସମାରିକ ବାହିନୀର ସମସ୍ତ ସାହସୀ ପୁରୁଷ ଏବଂ ମହିଳା ଯବାନଙ୍କୁ ପ୍ରଣାମ ଜଣାଉଛି। ଆମର ସଶସ୍ତ୍ର ବାହିନୀ ଆମ ଜାତିର ବୃହତ ମଙ୍ଗଳ ପାଇଁ ନିରନ୍ତର କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଥାନ୍ତି। ସେମାନଙ୍କର ଅବଦାନ ପାଇଁ, ଏବଂ ଜାତିକୁ 'ଫେରାଇବା' ପାଇଁ ସେମାନଙ୍କର ଅତୁଳନୀୟ ପ୍ରତିବଦ୍ଧତାର ଗୁଣଗାନ କରିବା ପାଇଁ କୌଣସି ଶବ୍ଦ ଯଥେଷ୍ଟ ନୁହେଁ। ସମ୍ମାନର ପ୍ରତୀକ ଭାବରେ, ଆମେ ସମସ୍ତେ ଦେଶ ନିର୍ମାଣ ଦିଗରେ ଆମର ସାମୂହିକ ପ୍ରୟାସରେ ସେମାନଙ୍କୁ ଅନୁକରଣ କରିବା ଉଚିତ୍।


ସେସା ଗୋଆ ସୁରକ୍ଷା କ୍ଷେତ୍ରରେ ଅନେକ ଇଏସ୍‌ଏମ୍‌ଙ୍କୁ ନିୟୋଜିତ କରିଥାଏ। ସେମାନେ ଶିଳ୍ପ ଏବଂ କର୍ପୋରେଟ ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଦାୟିତ୍ୱରେ କାର୍ଯ୍ୟ କରୁଛନ୍ତି। ଇଏସ୍‌ଏମ୍‌ମାନେ ସୁରକ୍ଷା କ୍ଷେତ୍ରରେ ଅଧିକ ଦକ୍ଷତା ଆଣିବାରେ ଏବଂ ଚାକିରି ପ୍ରୋଫାଇଲରେ ପ୍ରତିବଦ୍ଧତାର ଏକ ଗଭୀର ମୂଳ ଭାବନା ଆଣିବାରେ ଏକ ମହତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ସମାରୋହ ଅନୁଷ୍ଠିତ ହୋଇଥିବା ସ୍ଥାନରେ ଏସ୍‌ବିୟୁର ଶୀର୍ଷ ନେତୃତ୍ୱ ଉପସ୍ଥିତ ଥିଲେ। ଏହି ଅବସରରେ ଉଦବୋଧନ ଦେଇ ବେଦାନ୍ତ ଆଇଓକେ ସିଇଓ ଶ୍ରୀଶୈଳ ଗୌଡ କହିଲେ, ଆମେ ବେଦାନ୍ତ ଆଇରନ ଓର କର୍ଣ୍ଣାଟକରେ ଆମର ସଶସ୍ତ୍ର ବାହିନୀକୁ ସେମାନଙ୍କର ଅନନ୍ୟ ଉତ୍ସର୍ଗୀକୃତତା ଏବଂ ସାହସିକତା ପାଇଁ ଅଭିବାଦନ ଜଣାଉଛୁ। ଆମ ଦେଶର ଏକତା ଏବଂ ଅଖଣ୍ଡତା ରକ୍ଷା ପାଇଁ ସେମାନଙ୍କର ଅଦମ୍ୟ ପ୍ରତିବଦ୍ଧତା ପ୍ରକୃତରେ ପ୍ରେରଣାଦାୟକ। ଏହି ସମାରୋହ ହେଉଛି ଆମର ପୂର୍ବତନ ଏକ୍ସ-ସର୍ଭିସ୍‌ମ୍ୟାନ୍‌ମାନଙ୍କୁ ଅଶେଷ ସମ୍ମାନ ଏବଂ କୃତଜ୍ଞତା ଜଣାଇବା ପାଇଁ ଆମର ଏକ ନମ୍ର ପ୍ରୟାସ। ସେମାନଙ୍କର ବଳିଦାନ ଏବଂ ବୀରତ୍ୱ ଆମକୁ ଶକ୍ତି ଏବଂ ସ୍ଥିରତାକୁ ସ୍ମରଣ କରିଥାଏ ଯାହା ଆମ ମହାନ ରାଷ୍ଟ୍ରକୁ ପରିଭାଷିତ କରିଥାଏ। ଏହି ମହତ୍ୱପୂର୍ଣ୍ଣ ଦିନ କାର୍ଗିଲ ବିଜୟ ଦିବସରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେଇ ଆମେ ଗୌରବାନ୍ୱିତ ଏବଂ ଏକ ଶକ୍ତିଶାଳୀ, ମିଳିତ ଭାରତ ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛୁ। ଏହି ଅବସରରେ ନିଜର ଭାବନା ବ୍ୟକ୍ତ କରି ସେସା ଗୋଆ ସିଏସ୍‌ଓ ନନ୍ଦ ଭଟ୍ଟ କହିଲେ, ଆମ ମଧ୍ୟରେ ଅନେକ ଇଏସ୍‌ଏମ୍‌ଙ୍କୁ ଆମେ ପାଇଥିବାରୁ ଆମେ ନିଜକୁ ଭାଗ୍ୟବାନ ମନେ କରୁଛୁ। ଏହି ସାମରିକ ଭେଟେରାନମାନଙ୍କର ବହୁ ଆହ୍ୱାନପୂର୍ଣ୍ଣ ପରିସ୍ଥିତିର ମୁକାବିଲା କରିବାର ଏକ ସମୃଦ୍ଧ ଅଭିଜ୍ଞତା ଅଛି ଏବଂ ସେଥିରେ ସଂଗଠନ ପ୍ରତି ନିସ୍ୱାର୍ଥପର ପ୍ରତିବଦ୍ଧତାର ଗୁଣ ରହିଛି। ବିଭିନ୍ନ ସ୍ଥାନରେ ଏହି ସମାରୋହର ଆୟୋଜନ କରି ଆମେ ଜାତିର ସେବାରେ ସେମାନଙ୍କ ଜୀବନର ସର୍ବୋତ୍ତମ ବର୍ଷ ଦେଇଥିବାରୁ ଏବଂ ଜାତି ସୁରକ୍ଷିତ ରହିଥିବାର ଅସଂଖ୍ୟ ବଳିଦାନ ଦେଇଥିବାରୁ ଆମେ ଇଏସ୍‌ଏମ୍‌ଙ୍କୁ କୃତଜ୍ଞତା ଜଣାଇବାକୁ ଚାହୁଁଥିଲୁ। ଏହି କାର୍ଯ୍ୟକ୍ରମରେ ହୃଦୟସ୍ପର୍ଶୀ ବକ୍ତବ୍ୟ ପ୍ରଦାନ ସହିତ ଏକ୍ସ-ସର୍ଭିସ୍‌ମ୍ୟାନ୍‌ମାନଙ୍କର ସ୍ମୃତିର ଉପସ୍ଥାପନା ଏବଂ ଚରମ ବଳିଦାନ ଦେଇଥିବା ବ୍ୟକ୍ତିଙ୍କ ସ୍ମୃତିରେ କିଛି ସମୟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ଭାରତୀୟ ସଶସ୍ତ୍ର ବାହିନୀର ଅବିସ୍ମରଣୀୟ ଉତ୍ସାହ ଏବଂ ସେମାନଙ୍କର ସ୍ଥାୟୀ ଉତରାଧିକାରର ଏକ ସ୍ମରଣୀୟ ସ୍ମରଣିକା। ବେଦାନ୍ତ ନିକଟରେ ଏକ ଅନନ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛି। ଯେଉଁଥିରେ ପୂର୍ବତନ ପ୍ରତିରକ୍ଷା ବାହିନୀର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଆଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ଦୃଢ଼ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ସେସା ଗୋଆ କାର୍ଗିଲ ବିଜୟ ଦିବସକୁ ଏକ ନିଆରା ଢଙ୍ଗରେ ଚିହ୍ନିତ କରିଆସୁଛି ଏବଂ ଗତ ବର୍ଷ ଏହା ଚିଠି ଏବଂ ବାର୍ତ୍ତା ମାଧ୍ୟମରେ ଏହା ଆମର ନାୟକ ତଥା ପରମ ବୀର ଚକ୍ର ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ 'ଗର୍ବ ସେ' ଅଭିଯାନ ଆରମ୍ଭ କରିଥିଲା। ସବ୍ ମେଜର (ହନନାରୀ କ୍ୟାପ୍ଟେନ) ଯୋଗେନ୍ଦ୍ର ସିଂ ଯାଦବ, ପିଭିସି ଏବଂ ଟାଇଗର ହିଲ୍‌ର ନାୟକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କର୍ମଚାରୀ, କର୍ମୀ ଏବଂ ବ୍ୟବସାୟ ସହଭାଗୀମାନଙ୍କ ସହିତ ଏହି ଅବସରରେ ଏକ ପ୍ରେରଣାଦାୟକ ତଥା ଉତ୍ସାହଜନକ ଭାବର ଆଦାନପ୍ରଦାନ କରିଥିଲେ।

# ଅଲିମ୍ପିକ୍ସରେ ହକି ଟିମର ବିଜୟ ଧାରା ଜାରି

## ଆୟର୍ଲ୍ୟାଣ୍ଡକୁ ୨-୦ ଗୋଲରେ ହରାଇଲା, କ୍ୱାର୍ଟର ଆଶା ବଳବତ୍ତର

**ପ୍ୟାରିସ,୩୦।୭(ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଟିମର ବିଜୟ ଧାରା ଜାରି ରହିଛି। ଆଜି ଗ୍ରୁପ ପର୍ଯ୍ୟାୟର ତୃତୀୟ ମ୍ୟାଚ୍‌ରେ ଦଳ ଅପେକ୍ଷାକୃତ ଦୁର୍ବଳ ଆୟର୍ଲ୍ୟାଣ୍ଡକୁ ୨-୦ ଗୋଲରେ ହରାଇ ଦେଇଛି।

ଦଳ ପକ୍ଷରୁ ଦୁଇଟି ଯାକ ଗୋଲ ଅଧିନାୟକ ହରମନପ୍ରୀତ ସିଂହ ଦେଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଦଳ ନ୍ୟୁଜିଲ୍ୟାଣ୍ଡକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା ସହ ସ୍ଥିତି ଡ୍ର ରଖିଥିଲା। ଏବେ ଭାରତ ତାର ପରବର୍ତ୍ତୀ ଦୁଇଟି ମୁକାବିଲାରେ ବେଲଜିୟମ ଓ ଅଷ୍ଟ୍ରେଲିଆକୁ ଭେଟିବ। ଏହି ମ୍ୟାଚରେ ଅତିକମରେ ଡ୍ର’ ରଖିବାକୁ ପଡ଼ିବ।



ଆଜିର ମ୍ୟାଚ୍‌ରେ ଭାରତ ଆରମ୍ଭରୁ ହିଁ ଆୟର୍ଲ୍ୟାଣ୍ଡ ଉପରେ ଚାପ ପକାଇଥିଲା। ମ୍ୟାଚ୍‌ର ପ୍ରଥମ ୪ ମିନିଟ ମଧ୍ୟରେ ଦଳକୁ ପ୍ରଥମ ପେନାଲ୍ଟି କର୍ଣ୍ଣର ମିଳିଥିଲା। କିନ୍ତୁ ଏହାକୁ ହରମନପ୍ରୀତ କୌର ଗୋଲରେ ପରିଣତ କରି ପାରି ନଥିଲେ। କିନ୍ତୁ ମ୍ୟାଚ୍‌ର ୧୧ ତମ ମିନିଟରେ ଭାରତକୁ ଗୋଲ କରିବାର ଅପୂର୍ଣ୍ଣ ସୁଯୋଗ ମିଳିଥିଲା। ଆୟର୍ଲ୍ୟାଣ୍ଡ ଖେଳାଳି ଡି ଭିତରେ ମନଦୀପ ସିଂହଙ୍କୁ ଫାଉଲ ମାରିବାରୁ ଭାରତକୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ହରମନପ୍ରୀତ ସିଂହ ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଆକ୍ରମଣକୁ ଆହୁରି ଜୋରଦାର କରିଥିଲା। ଏହାର ଫାଇଦା ଦଳକୁ ୧୯ତମ ମିନିଟରେ ମିଳିଥିଲା। ଭାରତକୁ ମିଳିଥିବା ଆଉ ଏକ ପିସିକୁ ପୁଣି ହରମନପ୍ରୀତ ଗୋଲରେ ପରିଣତ କରିଥିଲେ। ଏଥିସହ ଭାରତକୁ ୨-୦ ଲିଡ୍ ଦେଇଥିଲେ। ଭାରତ ଆଗରେ ଥିଲେ ହେଁ ଆଟାକ ବନ୍ଦ କରି ନଥିଲା। କ୍ରମାଗତ ଭାବେ ଆୟର୍ଲ୍ୟାଣ୍ଡ ଉପରେ ଚାପ ପକାଇ ଚାଲିଥିଲା ତଥାପି ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା।

୪ର୍ଥ ତଥା ଶେଷ କ୍ୱାର୍ଟରରେ ଆୟର୍ଲ୍ୟାଣ୍ଡ ଆଟାକିଂ ହକି ଖେଳିଥିଲା। ଦଳ ଭାରତର ଡିଫେନ୍ସ ଭାଗକୁ ମଧ୍ୟ ଭେଦ କରି ବାରମ୍ବର ଡିରେ ପ୍ରବେଶ କରିଥିଲା। ଏଥିସହ ଏକାଧିକ ପିସି ମଧ୍ୟ ଦଳକୁ ମିଳିଥିଲା। ହେଲେ ଭାରତୀୟ ଟିମର ଭେଟରାନ ଗୋଲକିପର ଶ୍ରୀଜେଶ ଆୟର୍ଲ୍ୟାଣ୍ଡର ସବୁ ପ୍ରୟାସକୁ ଭଣ୍ଡୁର କରି ଦେଇଥିଲେ। ଶେଷରେ ଭାରତ ୨-୦ରେ ମ୍ୟାଚ୍‌କୁ ଜିତି ନେଇଥିଲା।

# ଅଲିମ୍ପିକ୍ସରେ ରେକର୍ଡ କଲେ ବଲରାଜ ପନର



ପ୍ୟାରିସ,୩୦।୭: ପ୍ୟାରିସ ଅଲିମ୍ପିକ୍ସରେ ରେକର୍ଡ କରିଛନ୍ତି ଭାରତର ବଲରାଜ ପନାର ରୋଇଂର ସ୍କୁଲ୍ସ ବ୍ୟକ୍ତିଗତ ଇଭେଣ୍ଟରେ ସେ ଏକମାତ୍ର ଭାରତୀୟ ଭାବେ ଭାଗ ନେଇଥିଲେ। ଏବେ ସେ ଏହି ପ୍ରତିଯୋଗିତାର ସି/ଡି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କୁ ପୂର୍ବରୁ କୌଣସି ଭାରତୀୟ ଅଲିମ୍ପିକ୍ସର ସ୍କୁଲ୍ସ ଇଭେଣ୍ଟରେ କେବେ ହେଲେ ଏପରି କୀର୍ତ୍ତିମାନ ହାସଲ କରି ପାରି ନଥିଲେ।

ସି/ଡି ସେମି ଫାଇନାଲ ଅର୍ଥ ସେ ପଦକ ପାଇଁ ଲଢ଼େଇ କରିପାରିବେ ନାହିଁ। ୧୩ରୁ ୨୪ତମ ସ୍ଥାନ ପାଇଁ ପ୍ରତିଯୋଗିତା କରିବେ। କାରଣ ୪ଟି ହିଟ୍‌ର ଶ୍ରେଷ୍ଠ ୩ ଜଣ ଲେଖାଏ ଖେଳାଳି ସେମି ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବାକି ୪ ଓ ୫ ସ୍ଥାନରେ ହିଟ୍ ଶେଷ କରୁଥିବା ଖେଳାଳି ସି/ଡି ସେମି ଫାଇନାଲକୁ ଯାଇଛନ୍ତି। ଆଜି କ୍ୱାର୍ଟର ଫାଇନାଲର ହିଟ ୪ରେ ବଲରାଜ ରହିଥିଲେ ସେ ୨୦୦୦ ମିଟର ଦୂରତାକୁ ୭.୦୫.୧୦ ସମୟରେ ଶେଷ କରି ୫ମ ସ୍ଥାନରେ ରହିଥିଲେ। କିନ୍ତୁ ସମସ୍ତ ହିଟ୍ ପରେ ସର୍ବଶ୍ରେଷ୍ଠ ସମୟ ଅନୁସାରେ ବଲରାଜ ସି/ଡି ସେମି ଫାଇନାଲରେ ପ୍ରବେଶ କରିଛନ୍ତି।

ସେ ପ୍ରଥମ ୫୦୦ ମିଟରକୁ ୧.୪୨.୨୮ ମିନିଟ, ୧୦୦୦ ମିଟରକୁ ୩.୨୯.୩୪ ମିନିଟ, ୧୫ ଶହ ମିଟରକୁ ୫.୧୭.୨୨ ମିନଟ ଓ ୨୦୦୦ ମିଟରକୁ ମୋଟ ୭.୦୫.୧୦ ମିନିଟ ସମୟରେ ଶେଷ କରିଥିଲେ। ସେ ତାଙ୍କ ହିଟ୍‌ରେ ୫ମ ସ୍ଥାନରେ ରହିଥିଲେ ହେଁ ବେଷ୍ଟ ସମୟ ଆଧାରରେ ସେ ସି/ଡିସେମିରେ ପ୍ରବେଶ କରିଛନ୍ତି।

# ୪୦ ମିନିଟ୍‌ରେ ମ୍ୟାଚ୍ ଶେଷ କଲେ ସାତ୍ୱିକ-ଚିରାଗ ଯୋଡ଼ି

**ପ୍ୟାରିସ,୩୦।୭(ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ଶଟଲର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଦବଦବା ଜାରି ରହିଛି। ପୁରୁଷ ଡବଲ୍ସରେ ଉଭୟ କ୍ରମାଗତ ଦ୍ୱିତୀୟ ମ୍ୟାଚ୍ ଜିତିଛନ୍ତି ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସକୁ ମାତ ଦେଇଥିବା ସାତ୍ୱିକ ଓ ଚିରାଜ ଆଜି ଇଣ୍ଡୋନେସିଆକୁ ହରାଇଛନ୍ତି।



ଗ୍ରୁପ ପର୍ଯ୍ୟାୟରେ ଉଭୟ ଅପରାଜେୟ ଧାରା ଜାରି ରଖି ଇଣ୍ଡୋନେସିଆ ବିପକ୍ଷ ମ୍ୟାଚ୍‌କୁ ମାତ୍ର ୪୦ ମିନିଟରେ ଶେଷ କରି ଦେଇଛନ୍ତି ଇଣ୍ଡୋନେସିଆର ଫଜର ଓ ରିୟାନ ମହମ୍ମଦ ଭାରତୀୟ ଯୋଡ଼ିଙ୍କୁ ଚ୍ୟାଲେଞ୍ଜ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ସାତ୍ୱିକ ଓ ଚିରାଗ ଯୋଡ଼ି ଏହାକୁ ଅକାମୀ କରି ଦେଇଛନ୍ତି। ପ୍ରଥମ ସେଟକୁ ଭାରତ ୨୧-୧୩ରେ ଜିତିଥିଲା ଏଥିପାଇଁ ମାତ୍ର ୧୩ ମିନିଟ ସମୟ ଲାଗିଥିଲା। ଦ୍ୱିତୀୟ ସେଟକୁ ମଧ୍ୟ ସାତ୍ୱିକ ଓ ଚିରାଗ ୨୧-୧୩ରେ ଜିତି ନେଇଛନ୍ତି। କିନ୍ତୁ ଏହି ସେଟରେ କିଛି ଲମ୍ୱା ରାଲି ଦେଖିବାକୁ ମିଳିଥିଲା। ତେଣୁ ଏହାକୁ ଜିତିବା ପାଇଁ ଭାରତୀୟ ଯୋଡ଼ିଙ୍କୁ ୨୪ ମିନିଟର ସମୟ ଲାଗିଥିଲା। ଲମ୍ୱା ରାଲି ସତ୍ତ୍ୱେ ସାତ୍ୱିକ ଓ ଚିରାଗ ନିଜର କ୍ଲାସ ଦେଖାଇ କ୍ୱାର୍ଟର ଫାଇନାଲ ଖେଳିବାକୁ ପ୍ରସ୍ତୁତ ହୋଇଛନ୍ତି।

## ଅମନଙ୍କ ଲକ୍ଷ୍ୟ

**ନୂଆଦିଲ୍ଲୀ,୩୦।୭(ଏଜେନ୍ସି):** ଆରମ୍ଭ ହୋଇଛି ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪। କ୍ଷେତ୍ରରେ କୁସ୍ତିଯୋଦ୍ଧାମାନଙ୍କଠାରୁ ପଦକ ପାଇବାକୁ ଭାରତ ବହୁତ ଆଶା ରଖିଛି ।ହକି ପରେ ଭାରତ ଅଲିମ୍ପିକ୍ସ କୁସ୍ତିରେ ସର୍ବାଧିକ ୭ଟି ପଦକ ଜିତିଛି।ଏଥର ବଜରଙ୍ଗ ପୁନିଆଙ୍କ ପରି ଷ୍ଟାର ରେସଲରମାନଙ୍କୁ ପ୍ୟାରିସ ଅଲିମ୍ପିକ୍ସରେ କୁସ୍ତି ଖେଳିବାର ଦେଖିବାକୁ ମିଳିବ ନାହିଁ। ପୁରୁଷ କୁସ୍ତିରେ ଭାରତ ପାଇଁ ଏକମାତ୍ର କୁସ୍ତିଯୋଦ୍ଧା ହେଉଛନ୍ତି ହରିୟାଣାର ଅମନ ସହରାତ। ଅମନଙ୍କ ପରିବାର ସଦସ୍ୟଙ୍କ ସମେତ ଦେଶବାସୀ ମଧ୍ୟ ତାଙ୍କଠାରୁ ଅନେକ ଆଶା ରଖିଛନ୍ତି।ଅମନ ସହରାତ ମଇ ୨୦୨୪ରେ ଇସ୍ତାନବୁଲରେ ଚାଲିଥିବା ବିଶ୍ୱ ରେସଲିଂ ଅଲିମ୍ପିକ୍ କ୍ୱାଲିଫାୟରରେ ତିନିଥର ବିଜୟ ହୋଇଥିଲେ। ଏହାସହିତ ଅମନ ପ୍ୟାରିସ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ ଅମନଙ୍କ ମାଙ୍କ ୨୦୧୩ରେ ଓ ବାପାଙ୍କ ୨୦୧୪ରେ ଦେହାନ୍ତ ହୋଇଥିଲା ।

# ଜିତିଲେ ଭଜନ, ହାରିଲେ ଅଙ୍କିତା

**ପ୍ୟାରିସ,୩୦।୭(ଏଜେନ୍ସି):** ଶେଷରେ ତୀରନ୍ଦାଜିରୁ ଆସିଛି ଖୁସି ଖବର। ଅଲିମ୍ପିକ୍ସର ମହିଳା ଏକକ ତୀରନ୍ଦାଜି ଇଭେଣ୍ଟର ପ୍ରଥମ ରାଉଣ୍ଡରେ ଜିତିଛନ୍ତି ଭାରତର ଭଜନ କୌର। ସେହିପରି ଭାରତର ଅଙ୍କିତା ଭକତ ସେ ଅପ୍ରତ୍ୟାଶିତ ଢଙ୍ଗରେ ପୋଲାଣ୍ଡର ଲୋଲେତାଙ୍କ ଠାରୁ ୬-୪ରେ ହାରି ଯାଇଛନ୍ତି।

ତାଙ୍କ ପୂର୍ବରୁ ରାଉଣ୍ଡ ୩୨ରେ ଭାରତର ଅଙ୍କିତା ଭକତ ପରାସ୍ତ ହୋଇଥିଲେ। କିନ୍ତୁ କୌର ସଂଘର୍ଷ କରି ରାଉଣ୍ଡ ଅଫ ୩୨କୁ ଜିତିବାକୁ ସକ୍ଷମ ହୋଇଛନ୍ତି। ପ୍ରଥମେ ଟିମ ଇଭେଣ୍ଟରେ ଭାରତୀୟ ମହିଳା ଓ ପୁରୁଷ ଟିମ କ୍ୱାର୍ଟର ଫାଇନାଲରେ ଦୁର୍ବଳ ପ୍ରଦର୍ଶନ ସହ ଅଲିମ୍ପିକ୍ସରୁ ବାଦ ପଡ଼ିଥିଲେ।






ରାଉଣ୍ଡ ଅଫ ୩୨ରେ କୌରଙ୍କ ମୁକାବିଲା ଇଣ୍ଡୋନେସିଆର ନୁରାଫିଫା ସିଫା କମଲଙ୍କ ସହ ହେଉଥିଲା।ଏହି ମ୍ୟାଚକୁ କୌର ୭-୩ରେ ଜିତି ନେଇଛନ୍ତି। ମ୍ୟାଚ୍‌ର ପ୍ରଥମ ସେଟରେ ଉଭୟ ୨୭ ଲେଖାଏ ସ୍କୋର କରିବାରୁ ୧-୧ ପଏଣ୍ଟ ପାଇଥିଲେ। କିନ୍ତୁ ଦ୍ୱିତୀୟ ସେଟକୁ କମଲ ୨୯-୨୭ ସ୍କୋରେ ଜିତି ନେଇଥିଲେ। ୩-୧ରେ ପଛରେ ଥିବା କୌର ଏହି ଠାରୁ କମବ୍ୟାକ କରିଥିଲେ। ସେ ତୃତୀୟ ସେଟକୁ ୨୯-୨୭, ୪ର୍ଥ ସେଟକୁ ୨୭-୨୫ ଓ ୫ମ ସେଟକୁ ୨୮-୨୫ରେ ଜିତିବା ସହ ମ୍ୟାଚ୍‌କୁ କବଜା କରିଥିଲେ। କୌର ରାଉଣ୍ଡ ଅଫ ୩୨ର ପ୍ରଥମ ମ୍ୟାଚ୍ ଜିତି ଏବେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି।

ଭାରତର ଅଙ୍କିତା ଭକତ ସେ ଅପ୍ରତ୍ୟାଶିତ ଢଙ୍ଗରେ ପୋଲାଣ୍ଡର ଲୋଲେତାଙ୍କ ଠାରୁ ୬-୪ରେ ହାରି ଯାଇଛନ୍ତି। ପ୍ରଥମ ସେଟକୁ ପୋଲାଣ୍ଡ ଖେଳାଳି ୨୭-୨୬ରେ ଜିତିଥିବା ବେଳେ ଦ୍ୱିତୀୟ ସେଠରେ ଅଙ୍କିତା କମବ୍ୟାକ କରିଥିଲେ। ସେ ୨୯-୨୬ରେ ସେଟକୁ କବଜା କରିଥିଲେ। ତୃତୀୟ ସେଟକୁ ମଧ୍ୟ ଅଙ୍କିତା ନିଜ ନାଁରେ କରିଥିଲେ। କିନ୍ତୁ ୪ର୍ଥ ଓ ୫ମ ସେଟରେ ତାଙ୍କ ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ ରହିଥିଲା। ୪ର୍ଥ ସେଟରେ ସେ ୨୭ ଓ ୫ମ ସେଟରେ ମଧ୍ୟ ସମାନ ୨୭ ପଏଣ୍ଟ ସ୍କୋର କରିଥିଲେ। ପୋଲାଣ୍ଡର ଲୋଲେତା ୪ର୍ଥ ସେଟରେ ୨୯ ଓ ୫ମ ସେଟରେ ୨୮ ପଏଣ୍ଟ ହାସଲ କରି ଅଙ୍କିତାଙ୍କୁ ପ୍ରଥମ ରାଉଣ୍ଡରୁ ବିଦା କରିଥିଲେ।

# ନାଡାଲଙ୍କୁ ଅଲିମ୍ପିକ୍ସରୁ ବିଦା କଲେ ଜୋକଭିଚ୍

ପ୍ୟାରିସ,୩୦।୭: ବିଶ୍ୱର ୨ନଂ ଖେଳାଳି ନୋଭାକ ଜୋଭିଚ୍ ତାଙ୍କର ଚୀରପ୍ରତିଦ୍ୱନ୍ଦ୍ୱୀ ତଥା ଷ୍ଟାର ଟେନିସ ଖେଳାଳି ରାଫେଲ ନାଡାଲଙ୍କୁ ପ୍ୟାରିସ ଅଲିମ୍ପିକ୍ସରୁ ବିଦା କରିଛନ୍ତି। ଆଜି ପୁରୁଷ ଏକକ ବର୍ଗର ଦ୍ୱିତୀୟ ରାଉଣ୍ଡରେ ନାଡାଲଙ୍କ ଉପରେ ସଂପୂର୍ଣ୍ଣ ଦବଦବା ଦେଖାଇ ବ୍ରେକ ପଏଣ୍ଟ ହାସଲ କରିଥିଲେ। ଏଥିସହ ମାତ୍ର ୩୯ ମିନିଟ ମଧ୍ୟରେ ପ୍ରଥମ ସେଟକୁ ୬-୧ରେ କବଜା କରିଥିଲେ।



୨୦୨୨ ଫ୍ରେଞ୍ଚ ଓପନରେ ପରସ୍ପରକୁ ଭେଟୁଥିବା ଜୋକଭିଚ୍ ଓ ନାଡାଲଙ୍କ ଲଢ଼େଇକୁ ଦେଖିବା ପାଇଁ - କୋର୍ଟରେ ଦର୍ଶକଙ୍କ ଖଚାଖଚ ଭିଡ଼ ଦେଖିବାକୁ ମିଳିଥିଲା ହେଲେ ମ୍ୟାଚ୍ ପୂରା ଏକତରଫା ହୋଇଥିଲା।

ପ୍ରଥମ ସେଟକୁ ୬-୧ରେ ଜିତିଥିବା ଜୋକଭିଚ୍‌ଙ୍କୁ ଦ୍ୱିତୀୟ ସେଟରେ ନାଡାଲ କିଛିଟା ଚ୍ୟାଲେଞ୍ଜ ଦେଇଥିଲେ। ହେଲେ ଶେଷରେ ୬-୪ରେ ଜୋକଭିଚ ସେଟ ସହ ମ୍ୟାଚ୍‌କୁ ଜିତି ନେଇଥିଲେ।

୩୮ ବର୍ଷୀୟ ନାଡାଲ ଆଣ୍ଠୁ ସମସ୍ୟା ଜୋକଭିଚ୍ ଖୁବ କମ ସମୟ ମଧ୍ୟରେ ନାଡାଲଙ୍କୁ ବାହାରର ରାସ୍ତା ଦେଖାଇଛନ୍ତି। ଆଣ୍ଠୁ ଜନିତ ସମସ୍ୟାରେ ପଡ଼ିଥିବା ନାଡାଲଙ୍କୁ ୧-୬ ଓ ୪-୬ ସେଟରେ ଜୋକଭିଚ ପରାସ୍ତ କରି ଅଲିମ୍ପିକ୍ସର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୪ଥରର ଗ୍ରାଣ୍ଡ ସ୍ଲାମ ବିଜେତା ଜୋକଭିଚ୍ ଆଜି ଆରମ୍ଭରୁ ହିଁ ନାଡାଲଙ୍କ ଉପରେ ଚାପ ପକାଇଥିଲେ। ସେ ସତ୍ତ୍ୱେ ପ୍ୟାରିସ ଅଲିମ୍ପିକ୍ସ ଖେଳିବାକୁ ଆସିଛନ୍ତି। ସେ ପୁରୁଷ ଡବଲ୍ସରେ ବିଶ୍ୱର ୧ନଂ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ସାଥୀ କରି ପ୍ରଥମ ମ୍ୟାଚ୍ ଖେଳିଥିଲେ। ଉକ୍ତ ମ୍ୟାଚ୍‌କୁ ମଧ୍ୟ ଦୁଇ ସ୍ପେନ ଷ୍ଟାର ଜିତି ନେଇଥିଲେ। କିନ୍ତୁ ପୁରୁଷ ଏକକର ଦ୍ୱିତୀୟ ରାଉଣ୍ଡରୁ ନାଡାଲ ବିଦାୟ ନେଇଛନ୍ତି। ଏବେ ସେ କେବଳ ପୁରୁଷ ଡବଲ୍ସରେ ନଜର ଆସିବେ।

# ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାର ତୃତୀୟ ଦିବସ

ଢେଙ୍କାନାଳ,୩୦।୭: ଢେଙ୍କାନାଳ ଟାଉନ୍ କ୍ଲବ୍ ଢେଙ୍କାନାଳ ଓ ଜିଲ୍ଲା କ୍ରୀଡା ସଂଘର ସଂଯୁକ୍ତ ପ୍ରୟାସରେ ଢେଙ୍କାନାଳ ଷ୍ଟାଡିୟମ୍ ଠାରେ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମେମୋରିଆଲ୍ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାର ତୃତୀୟ ଦିନରେ ସଦର ବ୍ଲକ୍ ଫୁଟ୍‌ବଲ୍ ଟିମ୍ ସହିତ ଭୁବନ ବ୍ଲକ୍ ଫୁଟ୍‌ବଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ତୃତୀୟ ଦିନର ପ୍ରତିଯୋଗିତାରେ ମହମ୍ମଦ ଆଜାଦ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ମ୍ୟାଚ୍‌ରେ ସଦର ବ୍ଲକ୍ ଫୁଟ୍‌ବଲ୍ ଟିମ୍ ୩-୦ ଗୋଲ୍‌ରେ ଭୁବନ ବ୍ଲକ୍ ଟିମ୍‌କୁ ପରାସ୍ତ କରିଛି । ଉକ୍ତ ମ୍ୟାଚ୍‌କୁ ରେଫରୀ ଭାବେ ମହେଶ ପ୍ରଧାନ ପରିଚାଳନା କରିଥିଲେ ଏବଂ ଅମୂଲ୍ୟ ସାମଲ, ଶୁଭ୍ରଜିତ୍ ସ୍ୱାଇଁ ଏବଂ ଦେବରାଜ ସ୍ୱାଇଁ ସହଯୋଗ କରିଥିଲେ । ମ୍ୟାଚ୍ କମିସନର ଭାବେ ମାୟାଧର ସାହୁ ଉପସ୍ଥିତ ଥିଲେ । ଟାଉନ୍ କ୍ଲବ୍‌ର ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ, କାର୍ଯ୍ୟକର୍ତ୍ତା ପ୍ରଦୀପ୍ତ ତ୍ରିପାଠୀ, ଅଭିଜିତ୍ ମିଶ୍ର, ଶିବସାଇ ମହାପାତ୍ର, ସଞ୍ଜୀବ ତ୍ରିପାଠୀ, ସୁଭ୍ରାଂଶୁ ଦଳେଇ, ଅସିମ୍ କୁମାର ଦାସ, ରାମକୃଷ୍ଣ ବେହେରା, ଦେବକାନ୍ତ ମିଶ୍ର ଏବଂ ସମସ୍ତ ସଭ୍ୟବୃନ୍ଦଙ୍କର ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଏହି ଅବସରରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ନଳିନୀ ଦାସ, ସୁନିଲ୍ ପଣ୍ଡା, ସଞ୍ଜୟ ଭଞ୍ଜ, ଗୌରାଙ୍ଗ ସେଠୀ, ପ୍ରଦ୍ୟୁମ୍ନ ପାଢୀ ଏବଂ ଶ୍ୟାମସୁନ୍ଦର ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟମାନେ ଉପସ୍ଥିତ ରହିଥିଲେ।



# ନିରାଶ କଲେ ବକ୍ସର ଅମିତ ପଙ୍ଘଲ



**ପ୍ୟାରିସ,୩୦।୭(ଏଜେନ୍ସି):** ଟୋକିଓ ଭଳି ପ୍ୟାରିସ ଅଲିମ୍ପିକ୍ସରେ ବି ନିରାଶ କରିଛନ୍ତି ଷ୍ଟାର ବକ୍ସର ଅମିତ ପଙ୍ଘଲ। ସେ ପ୍ରଥମ ମ୍ୟାଚ୍‌ରେ ହିଁ ପରାସ୍ତ ହୋଇ ୨୦୨୪ ଅଲିମ୍ପିକ୍ସରୁ ବିଦାୟ ନେଇଛନ୍ତି। ୨୦୨୨ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଅମିତ ପ୍ରଥମ ରାଉଣ୍ଡରେ ହାରିଥିଲେ। ଆଜି ବକ୍ସିଂର ୫୧ କେଜି ବର୍ଗର ପ୍ରଥମ ମୁକାବିଲାରେ ଅମିତଙ୍କ ମୁକାବିଲା ଜାମ୍ବିଆର ପ୍ୟାଟ୍ରିକ ଚିନାମ୍ବାଙ୍କ ସହ ହୋଇଥିଲା। ଆରମ୍ଭରୁ ହିଁ ଚିନାମ୍ବା ନିଜର ଦବଦବା ଦେଖାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଫାଇନାଲରେ ଚିନାମ୍ବାଙ୍କୁ ହରାଇ ଅମିତ ସ୍ୱର୍ଣ୍ଣ ଜିତିଥିଲେ। ଲାଗୁଥିଲା ଏହାର ପୁନରାବୃତ୍ତି ପ୍ୟାରସରେ ହେବ। କିନ୍ତୁ ଚିନାମ୍ବା ଏହାର ପ୍ରତିଶୋଧ ନେଇଛନ୍ତି।

ପ୍ରଥମ ସେଟରେ ଚିନାମ୍ବାଙ୍କ ସପକ୍ଷରେ ୩ ଓ ଅମିତଙ୍କ ସପକ୍ଷରେ ୨ ଜଣ ଅମ୍ପାୟାର ରାୟ ଦେଇଥିଲେ। ଦ୍ୱିତୀୟ ସେଟରେ ମଧ୍ୟ ସାମନ ରାୟ ଆସିଥିଲା। ଶେଷ ବାଉଟରେ ଅମିତ ଅଲଆଉଟ ଆଟାକ କରିଥିଲେ। ହେଲେ ଚିନାମ୍ବା ବେଶ ଚମତ୍କାର ଢଙ୍ଗରେ ଏହାକୁ ଅଟକାଇ ଦେଇଥିଲେ। ଏପରି ସେ ଗୋଟିଏ ମୁଥାରେ ଅମିତଙ୍କ ମୁଣ୍ଡକୁ ଫୁଲାଇ ଦେଇଥିଲେ। ଶେଷରେ ୪:୧ ସ୍ପ୍ଲିଟ ନିଷ୍ପତ୍ତିରେ ଚିନାମ୍ବାଙ୍କୁ ବିଜେତା ଘୋଷଣା କରାଯାଇଥିଲା।

# ୨ ପଦକ ଜିତିବା ପରେ ମନୁ ଭାକରଙ୍କ ଡୋପ୍ ପରୀକ୍ଷା

ନୂଆଦିଲ୍ଲୀ,୩୦।୭(ଏଜେନସି): ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଭାରତୀୟ ସୁଟର ମନୁ ଭାକର ଦ୍ୱିତୀୟ ପଦକ ଜିତିଛନ୍ତି। ମଙ୍ଗଳବାର ମନୁ ଭାକର ଏବଂ ସରବଜୋତ ସିଂ ଭାରତ ପାଇଁ ଦ୍ୱିତୀୟ ପଦକ ଜିତିଛନ୍ତି। ସେମାନେ ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଦଳ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ ଏହାପୂର୍ବରୁ

## ସରବଜୋତଙ୍କ ସହ ଫୋନ୍‌ରେ କଥାବାର୍ତ୍ତା ହେଲେ ମୋଦୀ



ମନୁ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ଭାରତୀୟ ଆଥଲେଟ୍‌ଙ୍କ ଏହି ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରବଜୋତଙ୍କ ସହ ଫୋନ୍‌ରେ କଥାବାର୍ତ୍ତା ହୋଇଛନ୍ତି।

ଦେଶ ପାଇଁ ଗୌରବ ଆଣିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ସରବଜୋତଙ୍କୁ କହିଛନ୍ତି ଅନେକ ଅଭିନନ୍ଦନ ଆପଣ ଦେଶ ପାଇଁ ମହାନ ନାମ ଏବଂ ସମ୍ମାନ ଆଣିଛନ୍ତି । ତୁମର କଠିନ ପରିଶ୍ରମ ଫଳ ଦେଇଛି। ମନୁଙ୍କୁ ମଧ୍ୟ ମୋର ଅଭିନନ୍ଦନ ଏହା ପରେ ସରବଜୋତ କହିଥିଲେ ଯେ ମୁଁ ନିକଟତର ହୋଇ ଲକ୍ଷ୍ୟ ହରାଇଥିଲି କିନ୍ତୁ ଭବିଷ୍ୟତରେ ଭଲ କରିବି। ଏହା ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଆପଣ ଦଳଗତ କାର୍ଯ୍ୟ ଦେଖାଇବାର କାରଣ କଣ? ଏହାର ଜବାବରେ ସରବଜୋତ କହିଛନ୍ତି ଆମେ ୨୦୧୯ଠାରୁ ନ୍ୟାସନାଲରେ ସ୍ୱର୍ଣ୍ଣ ଜିତିଛୁ ଜୁନିଅର ବିଶ୍ୱକପ ଭଳି ଟୁର୍ନାମେଣ୍ଟରେ ଆମେ ଭଲ ପ୍ରଦର୍ଶନ କରିଛୁ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଆପଣ କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ କାର୍ଯ୍ୟରେ ନିୟୋଜିତ ଅଛନ୍ତି ମୋର ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ଅଛି ଯେ ଆପଣ ଭବିଷ୍ୟତରେ ମଧ୍ୟ ଭଲ କରିବେ।ଏହା ସହ ପ୍ରଧାନମନ୍ତ୍ରୀ ମୋଦୀ ସରବଜୋତଙ୍କୁ ପଚାରିଲେ ମନୁ କୁଆଡେ ଗଲା? ଏହି ପ୍ରଶ୍ନ ଉପରେ ସରବଜୋତ କହିଛନ୍ତି ଯେ ତାଙ୍କର ଡୋପ୍ ପରୀକ୍ଷା ଏବେ ଚାଲିଛି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ତାଙ୍କୁ ମୋର ଶୁଭେଚ୍ଛା ଜଣାଇବେ ସମସ୍ତ ଖେଳାଳିଙ୍କୁ ମୋର ଶୁଭେଚ୍ଛା। ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ବିଶ୍ୱର ଖେଳାଳୀଙ୍କୁ ଏକ ଡୋପ୍ ପରୀକ୍ଷା ଦେବାକୁ ପଡିଥାଏ। ଯାହା ଦ୍ୱାରା ନିଷିଦ୍ଧ ଡ୍ରଗ୍ସ ଆଥଲେଟ୍‌ଙ୍କ ଶରୀରରେ ଚିହ୍ନଟ ହୋଇପାରିବ। ପ୍ୟାରିସରେ ଦୁଇଟି ନିଷେଧ ପଦାର୍ଥ (ଆନାବୋଲିକ୍ ଷ୍ଟେରଏଡ) ପାଇଁ ଜଣେ ଇରାକୀ ଜୁଡୋ ଖେଳାଳିଙ୍କଠାରେ ପଜିଟିଭ୍ ହୋଇଛି। ଅନ୍ତର୍ଜାତୀୟ ଅନୁସନ୍ଧାନ ଏଜେନ୍ସି (ଆଇଟିଏ) ଅନୁଯାୟୀ, ୨୮ ବର୍ଷିୟ ସାଜଜାଦ ସେହେନଙ୍କ ନମୁନାରେ ନିଷିଦ୍ଧ ପଦାର୍ଥ ମେଟାଣ୍ଡିଏନୋନ ଏବଂ ବୋଲଡେନୋନ ପଜିଟିଭ୍ ବୋଲି ଜଣାପଡିଛି ତାଙ୍କୁ ସାମୟିକ ଭାବେ ନିଲମ୍ବିତ କରାଯାଇଛି।ପରିସ୍ରା ନମୁନା ମାଧ୍ୟମରେ ଡୋପ୍ ପରୀକ୍ଷା କରାଯାଇଥାଏ। ଯେତେବେଳେ ଆଥଲେଟ୍‌ମାନେ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ନିଷେଧ ପଦାର୍ଥ ବ୍ୟବହାର କରନ୍ତି, ଏହାକୁ ଡୋପିଂ କୁହାଯାଏ। ଡୋପିଂକୁ ପାଞ୍ଚଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ସେଥି ମଧ୍ୟରେ ରକ୍ତ ଡୋପିଂ, ପେପ୍ଟାଇଡ୍ ହରମୋନ୍, ପେନକିଲର, ଡାଇୟୁରେଟିକ୍ ଏବଂ ଷ୍ଟେରଏଡ୍ ଅନ୍ତର୍ଭୁକ୍ତ ଡୋପ୍ ପରୀକ୍ଷା ପାଇଁ ଖେଳାଳିମାନଙ୍କର ପରିସ୍ରା ନମୁନା ନିଆଯାଇଥାଏ। ଏହାକୁ ଏ ଏବଂ ବି ରେ ବିଭକ୍ତ କରାଯାଇଛି ଯଦି ଏ ପରୀକ୍ଷା ପଜିଟିଭ୍ ଥାଏ। ତେବେ ଖେଳାଳିଙ୍କୁ ବାରଣ କରାଯାଇଥାଏ। ଅବଶ୍ୟ, ଏହା ପରେ, ଯଦି ଖେଳାଳି ଚାହାନ୍ତି, ସେ ଆଣ୍ଟି-ଡୋପିଂ ପ୍ୟାନେଲକୁ ଆବେଦନ କରିପାରିବେ ଏବଂ ବି-ଟେଷ୍ଟ ମାଗି ପାରିବେ। ଯଦି ପ୍ଲେୟାରର ବି-ଟେଷ୍ଟ ନମୁନା ମଧ୍ୟ ପଜିଟିଭ୍ ଆସେ ତେବେ ତାଙ୍କୁ ନିଲମ୍ବିତ କରାଯାଇଥାଏ।

## ବିନା ଓଭର ଥ୍ରୋରେ ବି ୫ ରନ ଦୌଡ଼ିଲେ ଦୁଇ ବ୍ୟାଟର

ନୂଆଦିଲ୍ଲୀ,୩୦।୭(ଏଜେନସି): ଆୟର୍ଲ୍ୟାଣ୍ଡ ଓ ଜିମ୍ବାୱେ ମଧ୍ୟରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ଭଳି ଘଟଣା ଘଟିଛି। ଏହି ମ୍ୟାଚ୍‌ରେ ଜଣେ ବ୍ୟାଟର ଗୋଟିଏ ବଲରେ ୫ ରନ ହାସଲ କରିଛନ୍ତି। ବିନା ଓଭର ଥ୍ରୋ କିମ୍ବା କୌଣସି ପେନାଲ୍ଟି ରୂପରେ ନୁହେଁ, ବରଂ ସାଥୀ ବ୍ୟାଟରଙ୍କୁ ସାଥୀ କରି ଷ୍ଟ୍ରାଇକର ଜଣଙ୍କ ଦୌଡ଼ି ଦୌଡ଼ି ଏପରି ରନ ହାସଲ କରିଛନ୍ତି। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ପୂରା ଘଟଣା ଟେଷ୍ଟ ମ୍ୟାଚ୍‌ର ୪ର୍ଥ ଦିନରେ ଘଟିଥିଲା ଆୟର୍ଲ୍ୟାଣ୍ଡ ୧୮୫ ରନର ପିଛା କରୁଥିବା ବେଳେ ୫ ୱିକେଟ ହରାଇ ୭୪ ରନ କରିଥିଲା ଇନିଂସ ୧୮ତମ ଓଭର ବୋଲିଂ କରିବାକୁ ଆସିଥିଲେ ଜିମ୍ବାରେ ରିଚର୍ଡ ନାଗରାଭା ତାଙ୍କର ଦ୍ୱିତୀୟ ବଲକୁ ଆୟର୍ଲ୍ୟାଣ୍ଡର ଆଣ୍ଡୀ ମ୍ୟାକବ୍ରିନେ ଅଫ ସାଇଡ୍‌ରେ ନେଟ୍ ଡ୍ରାଇଭ କରିଥିଲେ ବଲଟି ସିଧା ବାଉଣ୍ଡରୀ ଆଡ଼କୁ ଯାଇଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ